ଧରିତ୍ରୀ
DHARITRI

May 12-18, 2024 ₹ 2/-

ଧରିତ୍ରୀ DHARITRI 50 Years

ଛୁଟିଦିନ

# ମା’ ଖୁସି ପାଇଁ..

ପିଲାର ସବୁ ଅଳିଅଝଟକୁ ସହି ତା’ରି ଭବିଷ୍ୟତ ପାଇଁ ନିଜର ସବୁ ଇଛାକୁ ବଳି ଦେଉଥିବା ମା’ର ଯେ, କିଛି ଇଛା ଥାଏ ସେକଥା ବହୁତ କମ୍ ସନ୍ତାନ ଅନୁଭବ କରନ୍ତି। ହେଲେ ସେମିତି କେତେଜଣ ସୁଯୋଗ୍ୟ ସନ୍ତାନ ବି ଅଛନ୍ତି ଯେଉଁମାନେ ମା’ର ଇଚ୍ଛା ଓ ଖୁସିକୁ ପୂରଣ କରିବାରେ ସଫଳ ହୋଇପାରିଛନ୍ତି ...

ପ୍ରଚ୍ଛଦ ପ୍ରସଙ୍ଗ ୩



# କେଉଁ ଦିଗକୁ ମୁହଁ କରି ଭୋଜନ କରିବେ...

**ହିନ୍ଦୁ ଧର୍ମରେ ପ୍ରତ୍ୟେକ କଥା ପାଇଁ କିଛି ନା କିଛି ନିୟମ ରହିଛି। ଏପରିକି ଭୋଜନ କରିବା ସମୟରେ ମଧ୍ୟ ଆମକୁ କିଛିଟା ନିୟମ ମାନିବାକୁ ପଡିଥାଏ। ଯେମିତିକି କେତେବେଳେ ଖାଇବେ, କେଉଁ ଦିଗକୁ ମୁହଁ କରି ଖାଇବେ ଏମିତି ଅନେକ କିଛି। ତା'ହେଲେ ଆସନ୍ତୁ ଜାଣିବା କେଉଁ ଦିଗକୁ ମୁହଁ କରି ଖାଇଲେ କି ଫଳ ମିଳିଥାଏ...**



✻ ଶାସ୍ତ୍ର ଅନୁଯାୟୀ, ପୂର୍ବ ଓ ଉତ୍ତର ଦିଗକୁ ମୁହଁ କରି ଭୋଜନ କରିବା ସବୁଠାରୁ ଉତ୍ତମ ହୋଇଥାଏ। କାରଣ ପୂର୍ବ ଦିଗକୁ ମୁହଁ କରି ଭୋଜନ କଲେ ମାନସିକ ଚାପ ଦୂର ହେବା ସହିତ ଖାଦ୍ୟ ଭଲଭାବେ ହଜମ ହୁଏ। ଯଦ୍ଵାରା ସ୍ୱାସ୍ଥ୍ୟ ଭଲ ରହିଥାଏ।

✻ ସେହିପରି ଯେଉଁମାନଙ୍କର ପାଚନ ଜନିତ ସମସ୍ୟା ରହିଛି, ସେମାନେ ପୂର୍ବ କିମ୍ବା ଉତ୍ତର-ପୂର୍ବ ଦିଗକୁ ମୁହଁ କରି ଭୋଜନ କରିବା ଉତ୍ତମ ହୋଇଥାଏ।

✻ ଅନ୍ୟପକ୍ଷେ ଧନ, ବିଦ୍ୟା ଓ ଆଧ୍ୟାତ୍ମିକ ଶକ୍ତି ପ୍ରାପ୍ତ କରିବାକୁ ଚାହୁଁଥିଲେ ଉତ୍ତର ଦିଗକୁ ମୁହଁ କରି ଭୋଜନ କରିବା ଭଲ। କ୍ୟାରିୟର ସଚେତନ ଯୁବପିଢି ଓ ବିଦ୍ୟାର୍ଥୀ ମଧ୍ୟ ଏହି ଦିଗକୁ ମୁହଁ କରି ଭୋଜନ କରିବା ଶୁଭଦାୟକ ହୋଇଥାଏ।

✻ ପଶ୍ଚିମ ଦିଗକୁ ଲାଭର ଦିଗଭାବେ ବିବେଚନା କରାଯାଏ। ବ୍ୟବସାୟ, ଚାକିରି କ୍ଷେତ୍ରରେ ଉନ୍ନତି ଚାହୁଁଥିଲେ ଏହି ଦିଗକୁ ମୁହଁ କରି ଭୋଜନ କରିବା ଲାଭଦାୟକ ହୋଇଥାଏ।

✻ କିନ୍ତୁ ଦକ୍ଷିଣ ଦିଗକୁ ମୁହଁ କରି ଖାଇବା ଆଦୌ ଠିକ୍ ନୁହେଁ। କାରଣ ଏହା ଯମରାଜଙ୍କର ଦିଗ ଅଟେ। ଏହି ଦିଗକୁ ମୁହଁ କରି ଖାଇଲେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବା ସହ ଯେଉଁମାନଙ୍କର ମାତାପିତା ଜୀବିତ ଅଛନ୍ତି ସେମାନଙ୍କ ପ୍ରତି ବି ବିପଦ ଥାଏ ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର


ମେ ୧୨-୧୮

### ମେଷ




ଶାରୀରିକ ସୁସ୍ଥତା, କର୍ମକ୍ଷେତ୍ରରେ ସଫଳତା, ମାନସିକ ଅସ୍ଥିରତା, ଆର୍ଥିକ ଉନ୍ନତି, ବନ୍ଧୁ ଆଗମନ, ପଡୋଶୀଙ୍କ ପକ୍ଷପାତିତା, ଆତ୍ମୀୟଙ୍କ ସହଯୋଗ, ମୂଲ୍ୟବାନ ଜିନିଷ କ୍ରୟ, ପଦୋନ୍ନତିର ସୂଚନା, ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ॥

### ବୃଷ



କର୍ମଦକ୍ଷତାରୁ ପ୍ରଶଂସା, ମାନସିକ ସ୍ଥିରତା, ଆର୍ଥିକ ଅଭିବୃଦ୍ଧି, ଭ୍ରାତୃବର୍ଗଙ୍କ ସହଯୋଗ, ବନ୍ଧୁଙ୍କୁ ଆପଣେଇ ନେବେ, ବସ୍ତ୍ର ଭୂଷଣପ୍ରାପ୍ତି, କର୍ମକ୍ଷେତ୍ରରେ ସ୍ଥାନାନ୍ତର, ଆଶଙ୍କା ଦୂର ହେବ, ବିବାଦୀୟ ସ୍ଥିତି ସମାଧାନ ହେବ ॥

### ମିଥୁନ



କର୍ମଜଞ୍ଜାଳ ବୃଦ୍ଧି, ଆର୍ଥିକ ଦୃଢାବସ୍ଥା, ନୂତନ ପ୍ରକଳ୍ପାରମ୍ଭ, ବନ୍ଧୁଙ୍କ ସହଯୋଗ, ସହକର୍ମୀଙ୍କ ବିରୋଧାଭାଷ, ସାହିତ୍ୟାନୁରାଗ, ବନ୍ଧୁ ମିଳନ, ଶିଳ୍ପବାଣିଜ୍ୟରେ ସମସ୍ୟା, ସାଂଗଠନିକ ଦୃଢତା, ନିଷ୍ପତ୍ତି ବଦଳାଇବେ ॥

### କର୍କଟ



ନିରୁତ୍ସାହିତ ରହିବେ, ବନ୍ଧୁଙ୍କ ଅସହଯୋଗ, ପଡୋଶୀଙ୍କ ଅପପ୍ରଚାର, ବ୍ୟାଙ୍କ ଋଣ ମିଳିବ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ରାଜନୈତିକ ବିବାଦ, ଶିଳ୍ପବାଣିଜ୍ୟରେ ଉନ୍ନତି, ସଙ୍ଗୀତ ସାଧନାରେ ରୁଚି ॥

### ସିଂହ



ନୂତନ ଯୋଜନାରମ୍ଭ, ସରକାରୀ ସହାୟତାପ୍ରାପ୍ତି, ବନ୍ଧୁସମ୍ପର୍କ ଯୋଡିବେ, କ୍ରିଡା ଚଳଚ୍ଚିତ୍ରରେ ସୁନାମ, ପ୍ରଶାସନିକ ତତ୍ପରତା, ରାଜନୈତିକ ସମସ୍ୟା, ଅଶୌଚ ଖବରପ୍ରାପ୍ତି, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରାହାନୀ, ସନ୍ତାନଙ୍କ ବିଶୃଙ୍ଖଳା।

### କନ୍ୟା



ଶୁଭ ଖବରପ୍ରାପ୍ତି, କାର୍ଯ୍ୟସିଦ୍ଧିର ସୂଚନା, ବନ୍ଧୁପ୍ରିୟ ହେବେ, ଭ୍ରାତୃ ସମ୍ପର୍କ ବୃଦ୍ଧି, ବିବାଦରେ ପରାଜୟ, ବନ୍ଧୁମାନଙ୍କ କୁତ୍ସାରଟନା, ବ୍ୟବସାୟରେ କ୍ଷତି, ବକେୟା ପାଇବେ, ପ୍ରକାଶନରେ ବିଳମ୍ବ, ଯାତ୍ରାରେ କଳହ, ଦୈହିକ ଦୁର୍ବଳତା ॥

### ତୁଳା




ଆରୋଗ୍ୟ ଲାଭ, କାର୍ଯ୍ୟରେ ଅବହେଳା, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ କଚେରୀରେ ବାଇଦା, ମାନସିକ ଦୁଃଶ୍ଚିନ୍ତା, ପରିବାରରେ ଶାନ୍ତି, ରୋଗ ଉପଶମ ହେବ, ବିବାଦରେ ବିଜୟ, ଆଭୂଷଣପ୍ରାପ୍ତି, ଧର୍ମକାର୍ଯ୍ୟ କରିବେ ॥

### ବିଛା




ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ଋଣପ୍ରାପ୍ତିର ଯୋଜନା, ବନ୍ଧୁଙ୍କ ପ୍ରତିଶ୍ରୁତି, କର୍ମକ୍ଷେତ୍ରରେ ବିତର୍କ, ସମସ୍ୟା ସମାଧାନ, ପ୍ରତିବନ୍ଧକ ଦୂର ହେବ, ଯାନ୍ତ୍ରିକ ତ୍ରୁଟିରୁ ସମସ୍ୟା, ଯୋଗ ସାଧନାରେ ରୁଚି, ବୟସ୍କ ବ୍ୟକ୍ତିଙ୍କ ପ୍ରେରଣା, ଭ୍ରମଣ ସୁଯୋଗ ॥

### ଧନୁ




ନୂତନ ପଦବୀ ପ୍ରାପ୍ତ ହେବେ, ନିଜ ପରିସରରେ ପ୍ରତିଷ୍ଠା, କରଜଦାତାଙ୍କ ଚାପ, କଳାପ୍ରିୟ ହେବେ, ବନ୍ଧୁପ୍ରସ୍ତାବ ଆସିବ, ସ୍ୱାସ୍ଥ୍ୟରେ ଅବନତି, ପଡୋଶୀଙ୍କ ସାହାଯ୍ୟ, ପାରିବାରିକ ସଦ୍ଭାବ ବୃଦ୍ଧି ହେବ, ପ୍ରଶାସନିକ ଆଲୋଚନା, ବ୍ୟବସାୟରେ ଶିଥିଳତା ॥

### ମକର



ନୂତନ କର୍ମାରମ୍ଭ, ଅପବ୍ୟୟ ରୋକିବେ, ଯାତ୍ରାରେ ସମସ୍ୟା, ଆଘାତ ଲାଗିପାରେ, ରାଜନୈତିକ ହଟଚମଟ, ବିରାଧୀଙ୍କ ହଟ୍ଟଗୋଳ, ମାନସିକ ଦ୍ୱନ୍ଦ୍ୱର ଅବସାନ, ମିତ୍ରତାରେ ତିକ୍ତତା, ପରିବାରରେ ମତଭେଦ, ଦ୍ରବ୍ୟ ନଷ୍ଟରୁ କ୍ଷୋଭ, ସାମ୍ବାଦିକତାରୁ ଗୌରବ।

### କୁମ୍ଭ



କାର୍ଯ୍ୟସିଦ୍ଧିରୁ ଆନନ୍ଦ, ପାରିବାରିକ ଆଲୋଚନା, ବନ୍ଧୁ ବିଚ୍ଛେଦରୁ ଦୁଃଖ, ଆନୁଷ୍ଠାନିକ କର୍ମାରମ୍ଭ, ବନ୍ଧୁଙ୍କ ପ୍ରତାରଣା, ସାମାଜିକ ସମ୍ମାନ, ଦୂରଯାତ୍ରାର ପ୍ରସ୍ତୁତି, ନିର୍ମାଣରେ ପ୍ରତିରୋଧ, ଯାତ୍ରାରେ କଳହ, କ୍ରନିକ ରୋଗରୁ ଯନ୍ତ୍ରଣା ॥

### ମୀନ



ଉଚ୍ଚଚିନ୍ତା କରିବେ, ଆଇନ ସହାୟତାପ୍ରାପ୍ତି, ନିଷ୍ପତ୍ତିର ପରିବର୍ତ୍ତନ, ସୌଖୀନ ଦ୍ରବ୍ୟଲାଭ, ଘରଭଡାକୁ ନେଇ ବିତର୍କ, ଲେଖାପଢାରେ କୁଶଳ, ସ୍ନାୟବିକ ଦୁର୍ବଳତା, ସ୍ଥଗିତ କାର୍ଯ୍ୟାରମ୍ଭ, ଗୃହ ସଜ୍ଜୀକରଣ, ତୀର୍ଥାଟନର ଯୋଜନା, ସତ୍ସଙ୍ଗର ସୁଯୋଗ ॥

# କେଉଁ ଖାଦ୍ୟ ଖାଇବା ପରେ ପାଣି ପିଇବେ ନାହିଁ

**ପାଣି ପିଇବାର ମାତ୍ରା ସମସ୍ତଙ୍କ ପାଇଁ ସମାନ ନୁହେଁ। ଶରୀରର ଆବଶ୍ୟକତା ଅନୁଯାୟୀ, ଯାହାକୁ ଯେତିକି ଦରକାର ସିଏ ସେତିକି ପାଣି ପିଇପାରିବେ।**



ଶରୀରକୁ ସୁସ୍ଥ ରଖିବାରେ ପାଣିର ଭୂମିକା ଯଥେଷ୍ଟ ରହିଥାଏ। କୁହାଯାଏ, ଜଣେ ସୁସ୍ଥ ବ୍ୟକ୍ତିଙ୍କୁ ପ୍ରତିଦିନ ୬ରୁ ୧୦ ଗ୍ଲାସ ପାଣି ପିଇବା ନିହାତି ଆବଶ୍ୟକ। କିନ୍ତୁ ଜରୁରୀ ନୁହେଁ, ସବୁ ଲୋକଙ୍କୁ ସମାନ ମାତ୍ରାର ପାଣି ପିଇବା ଦରକାର। ଶରୀରର ଆବଶ୍ୟକତା ଅନୁଯାୟୀ, ଯାହାକୁ ଯେତିକି ଦରକାର ସିଏ ସେତିକି ପାଣି ପିଇପାରିବେ। ସେହିପରି ଏମିତି କିଛି ଖାଦ୍ୟ ବି ରହିଛି; ଯାହାକୁ ଖାଇ ସାରିବା ପରେ ପାଣି ପିଇବା ମଧ୍ୟ ଆଦୌ ଠିକ୍ ନୁହେଁ। ଯେମିତିକି: ✻ ଚଣା ଭଜା ଖାଇବା ପରେ ସାଙ୍ଗେ ସାଙ୍ଗେ ଆଦୌ ପାଣି ପିଇବେ ନାହିଁ। କାରଣ ପାଣି ପିଇଦେଲେ ଚଣା ଠିକ୍‌ରେ ହଜମ ହୁଏନାହିଁ; ଯଦ୍ଵାରା ପେଟ ଦରଜ ସମସ୍ୟା ଦେଖାଯିବ। ✻ ସେହିପରି ପିଜୁଳି ଖାଇବା ପରେ ମଧ୍ୟ ପାଣି ପିଇବା ଠିକ୍ ନୁହେଁ। ଏହା ଗ୍ୟାସ ସମସ୍ୟାକୁ ଡାକି ଆଣିଥାଏ। ✻ ଅନ୍ୟପକ୍ଷେ ଆଇସ୍‌କ୍ରିମ୍ ଖାଇବା ପରେ ବି ପାଣି ପିଇଲେ ତଣ୍ଟି ଦରଜ ହେବା ସହ ଦାନ୍ତରେ ସେନ୍‌ସେଶନ୍ ସମସ୍ୟା ଦେଖାଯାଇଥାଏ। ✻ ଏହାଛଡ଼ା ଯେଉଁ ଫଳରେ ଜଳୀୟ ଅଂଶ ଅଧିକ ଥାଏ ଯଥା: କମଳା, କାକୁଡି, ଷ୍ଟବେରୀ, ତରଭୁଜ, ଖରଭୁଜ ଇତ୍ୟାଦି ଖାଇବା ପରେ ଆଦୌ ପାଣି ପିଅନ୍ତୁ ନାହିଁ।

# ପାଠକୀୟ

✻ ଦିନେ ଏମାନେ ଥିଲେ ରାସ୍ତାକଡ଼ର ମଣିଷ। ପେଟପାଟଣା ଚିନ୍ତାରେ କଟୁଥିଲା ସେମାନଙ୍କ ଦିନ। ହେଲେ ହଠାତ୍ କେହି ଜଣେ ଆସି ହାତ ଧରି ଟାଣି ନେଲେ ଏମାନଙ୍କୁ ଦାରିଦ୍ର୍ୟର ଅନ୍ଧକାର ଗଳି ଭିତରୁ। ଆଉ ସଜାଇ ଦେଲେ ଗ୍ଲାମର୍ ଦୁନିଆର ଗୋଟେ ଗୋଟେ ତାରକା। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ରାସ୍ତାକଡ଼ରୁ ଗ୍ଲାମର୍ ଦୁନିଆ' ସତରେ ବେଶ୍ ମନଛୁଆଁ ହୋଇଥିଲା। 'ଘରେ କେଉଁ ଫଟୋ ଲଗାଇବେ ନାହିଁ', 'ଉପକାରୀ ଜେଡ୍ ପ୍ଲାଣ୍ଟ' ଶୀର୍ଷକ ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। ***– ଭୂପତି ସାହୁ, ସୁନ୍ଦରଗଡ଼***

✻ ଏଥରର ପ୍ରଚ୍ଛଦ ପ୍ରସଙ୍ଗରେ ସ୍ଥାନିତ 'ରାସ୍ତାକଡ଼ରୁ ଗ୍ଲାମର୍ ଦୁନିଆ' ଶୀର୍ଷକ ଆଲେଖ୍ୟଟି ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ସିଲଭର୍ ଜୁଏଲେରୀ ଫ୍ୟାଶନ'ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲ। ବ୍ୟକ୍ତିତ୍ୱ ପୃଷ୍ଠାରୁ ଅଭିନେତା, ସଂଳାପକାର, ଗୀତିକାର, ଚଳଚ୍ଚିତ୍ର କାହାଣୀକାର, ସଙ୍ଗୀତ ନିର୍ଦ୍ଦେଶକ, ପ୍ରଯୋଜକ ତଥା ପୁସ୍ତକ ପ୍ରକାଶକ ପ୍ରଭାଂଶୁ ସାମନ୍ତରାୟଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

***– ରାକେଶ ଦାଶ, ମୟୂରଭଞ୍ଜ***

✻ ସୃଜନ ପୃଷ୍ଠାରେ ସ୍ଥାନିତ 'ସ୍ମୃତି' ଶୀର୍ଷକ ଗପ ଏବଂ 'ବୋଉ' ଶୀର୍ଷକ କବିତାଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାରେ ସ୍ଥାନିତ ଇଲିଆନା ଡି' କ୍ରୁଜଙ୍କ ଫଟୋଟି ଖୁବ୍ ଆକର୍ଷଣୀୟ ଲାଗୁଥିଲା। ସେହିପରି 'ରହସ୍ୟ ଖୋଲିଲେ ପରିଣିତି', 'ଶିବ ଅବତାର, 'କିଆରାଙ୍କ ଖୁସି' ଆଦି ପାଠଗୁଡ଼ିକ ବେଶ୍ ରୋଚକପୂର୍ଣ୍ଣ ହୋଇଥିଲା। ***– ମୋନାଲି ବିଶ୍ୱାଳ, ନୟାଗଡ଼***

✻ ଚର୍ମ ଓ କେଶ ରୋଗ ବିଶେଷଜ୍ଞ ଡ.ଆଲୋକ ସାହୁଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ମନଛୁଆଁ ହୋଇଥିଲା। ସାଥୀର ଉତ୍ତର ରୋମାଣ୍ଟିକ୍‌ଭରା ଲାଗୁଥିଲା। 'ଛଦ୍ମବେଶୀ ପ୍ରାଣୀ' ଶୀର୍ଷକ ଆଲେଖ୍ୟର ଫଟୋଗୁଡ଼ିକ ବେଶ୍ ଅଜବ ଦେଖାଯାଉଥିଲା। ମଡେଲ୍ ମିରର୍‌ରେ ଧାରା ଖୁବ୍ ସୁନ୍ଦରୀ ଲାଗୁଥିଲେ। ***– ରୀତାଞ୍ଜଳି ମହାନ୍ତି, ସାକ୍ଷୀଗୋପାଳ, ପୁରୀ***

✻ ଭାରତର କେତେକ ପ୍ରମୁଖ ସି-ବିଚ୍ ସମ୍ପର୍କରେ ସହର ପୃଷ୍ଠାରୁ ପଢି ଖୁସି ଲାଗିଲା। ବିବିଧା ପୃଷ୍ଠାରୁ 'କୃତ୍ରିମ ବର୍ଷା' ସମ୍ପର୍କରେ ବହୁ ଉପାଦେୟ କଥା ଜାଣିହେଲା। 'ରାଜକୀୟ ପାଣି ବୋତଲ' ଶୀର୍ଷକ ପାଠଟି ବି ମନଛୁଆଁ ହୋଇଥିଲା। ସେହିପରି ଚିନ୍ମୟ ଚିନ୍ତନ 'ଈଶ୍ୱରଙ୍କ ଉପରେ ବିଶ୍ୱାସ ଅଛି କିନ୍ତୁ ଭରସା ନାହିଁ!' ଶୀର୍ଷକ ଲେଖାଟି ବେଶ୍ ଶିକ୍ଷଣୀୟ ଥିଲା।

***– ପାପାଲି ମିଶ୍ର, ଶହୀଦନଗର, ଭୁବନେଶ୍ୱର***

✻ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଫନେଲ ଚଷମା', 'ସୁଜ୍ ସାଇକେଲ', 'ବାହୁରେ କ୍ୟୁଆର୍ କୋଡ ଟାଟୁ' ଆଦି ପାଠ ଖୁବ୍ ଆଶ୍ଚର୍ଯ୍ୟକର ଥିଲା। ***– ଶ୍ୟାମଘନ, କେନ୍ଦ୍ରାପଡ଼ା***

## ବିଶେଷ ଚିଠି




ରାସ୍ତାକଡ଼ରୁ ଗ୍ଲାମର୍ ଦୁନିଆ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ଭାରୀ ନିଆରା
ଦେଉଥିଲା ଅପୂର୍ବ ଆନନ୍ଦ।
ତା'ସାଙ୍ଗକୁ ପୁଣି ସାଥୀର ଉତ୍ତର
ସହରଠୁ ଦୂର ଓ ସୃଜନ
ମନ କିଣି ନେଉଥିଲା ପୁଣି
ବିବିଧାର ଲେଖାମାନ।
ସତରେ ଛୁଟିଦିନ ତୁମେ ମହାନ୍
ତୁମ ପରି ନୁହେଁ ଆଉ କେହି ସମାନ।
***– ପୁଷ୍ପୁଲ୍ ତ୍ରିପାଠୀ, ଢେଙ୍କାନାଳ***

**ଧରିତ୍ରୀ ଛୁଟିଦିନ**

**ସମ୍ପାଦକ: ତଥାଗତ ସତପଥୀ**

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



**ପିଲାର ସବୁ ଅଳିଅଝଟକୁ ସହି ତା'ରି ଭବିଷ୍ୟତ ପାଇଁ ନିଜର ସବୁ ଇଛାକୁ ବଳି ଦେଉଥିବା ମା'ର ଯେ, କିଛି ଇଛା ଥାଏ ସେକଥା ବହୁତ କମ୍ ସନ୍ତାନ ଅନୁଭବ କରନ୍ତି। ହେଲେ ସେମିତି କେତେଜଣ ସୁଯୋଗ୍ୟ ସନ୍ତାନ ବି ଅଛନ୍ତି ଯେଉଁମାନେ ମା'ର ଖୁସି ଓ ଇଚ୍ଛାକୁ ପୂରଣ କରିବାରେ ସଫଳ ହୋଇପାରିଛନ୍ତି..**

# ମା' ଖୁସି ପାଇଁ..

**ମା'** ; ଯାହାର ଜୀବନ ନାଟିକା ତା' ସନ୍ତାନ ପାଖରେ ଅଟକିଥାଏ। ଯାହାର ସବୁ ସୁଖଦୁଃଖ ତା' ପିଲା ପାଖରୁ ଆରମ୍ଭ ହୋଇ ତାଙ୍କଠି ହିଁ ସରିଯାଏ। ପିଲାର ଅଳିଅଝଟକୁ ସହି ତା'ର ସବୁ ଇଚ୍ଛାକୁ ପୂରଣ କରିବାକୁ ଯିଏ ଅସମ୍ଭବକୁ ସମ୍ଭବ କରିବାକୁ ପଛାଏ ନାହିଁ, ସେହି ମା'ର ବି କିଛି ଇଚ୍ଛା ଥାଏ, କିଛି ଆକାଂକ୍ଷା ଥାଏ ; ଏକଥା ବଡ଼ ହେବା ପରେ କେତେ ଜଣ ସନ୍ତାନସନ୍ତତି ଭାବନ୍ତି! ସମସ୍ତେ ନ ହେଲେ ବି କିଛି ସୁଯୋଗ୍ୟ ସନ୍ତାନ ଏବେ ବି ଅଛନ୍ତି ; ଯେଉଁମାନେ ତାଙ୍କ ମା'ଙ୍କୁ ପୂଜା କରିବା ସହ ଦୁନିଆର ସବୁ ଖୁସି ତାଙ୍କ ପାଦ ତଳେ ଆଣି ଥୋଇ ଦେବାକୁ ଚାହିଁ ରହିଥାନ୍ତି। ସେମିତି କେତେଜଣ ସନ୍ତାନଙ୍କ ସମ୍ପର୍କରେ...

### ମା'ଙ୍କର ବୁଲିବାର ଇଚ୍ଛାକୁ ପୂରଣ କଲେ ପୁଅ

କେରଳର ଥ୍ରୀଶୁରଠାରେ ସପରିବାର ରୁହନ୍ତି ଗିଥାମ୍ମା। ଅନ୍ୟ ଗୃହିଣୀଙ୍କ ପରି ସେ ବି ସକାଳୁ ରାତି ଯାଏ ପରିବାରର ସବୁ ଲୋକଙ୍କର ଟିକିନିଖି କଥା ବୁଝୁଥାନ୍ତି। ନିଜ କଥା ଭାବିବାକୁ ତାଙ୍କ ପାଖରେ ସମୟ ନ ଥାଏ। ମେଶିନ୍ ପରି ଘରକାମରେ ସେ ଲାଗିଥାନ୍ତି। ଯେତେବେଳେ ଟିକେ ସମୟ ପାଆନ୍ତି ମାଗାଜିନ୍ ପଢିବସନ୍ତି, ସେ ପୁଣି ଟ୍ରାଭେଲ୍ ମାଗାଜିନ୍। କାରଣ ତାଙ୍କର ନୂଆ ନୂଆ ଜାଗା ବିଷୟରେ ଜାଣିବାର ସଉକ ଥାଏ। କେବଳ ସଉକ ନୁହେଁ ସେସବୁ ସ୍ଥାନକୁ ବୁଲିଯିବାକୁ ବି ତାଙ୍କର ଇଚ୍ଛା ଥାଏ। ହେଲେ ଯିବେ କେମିତି, ତାଙ୍କୁ ନେବ କିଏ। ମନର ଇଚ୍ଛା ତାଙ୍କର ସେମିତି ମନ ଭିତରେ ହିଁ ରହିଯାଏ। କିନ୍ତୁ ଏସବୁକୁ ଜଣେ ଲକ୍ଷ୍ୟ କରୁଥାଏ। ସେ ହେଲେ ତାଙ୍କର ପୁଅ ଶରଥ କ୍ରିଷ୍ଣନ୍। ପିଲା ବୟସରେ ସେ ବା କ'ଣ କରିପାରିବେ। ଏମିତି ସମୟ ବିତିଚାଲେ। ଧୀରେ ଧୀରେ ଶରଥ ବଡ଼ ହୋଇ ନିଜ ଗୋଡ଼ରେ ଠିଆ ହୁଅନ୍ତି। ରୋଜଗାରକ୍ଷମ ବି ହୋଇଯାନ୍ତି। ବାସ୍ ତା'ପରେ ସେ ନିଷ୍ପତ୍ତି ନିଅନ୍ତି ମା'ଙ୍କର ସେହି ଶୁପ୍ତ ଇଚ୍ଛାକୁ ପୂରଣ କରିବାକୁ। ଆଉ ଏ ବିଷୟରେ ସେ ତାଙ୍କ ମା'ଙ୍କୁ ମଧ୍ୟ ଜଣାନ୍ତି। କିନ୍ତୁ ମା' ରାଜି ହୁଅନ୍ତି ନାହିଁ ଏକୁଟିଆ ତାଙ୍କ ସହିତ କୁଆଡ଼େ ବୁଲିଯିବା ପାଇଁ। ଦିନେ ଶରଥ ଯୋଜନା କରନ୍ତି ମା'ଙ୍କୁ ମୁମ୍ବାଇରେ ଥିବା ତାଙ୍କର ଜଣେ ସାଙ୍ଗର ଘରକୁ ବୁଲାଇ ନେଇଯିବା ପାଇଁ। କାରଣ ତାଙ୍କ ସାଙ୍ଗର ଗୋଟେ ସନ୍ତାନ ଜନ୍ମ ହୋଇଥାଏ। ନବଜାତ ଶିଶୁକୁ ଦେଖି ତାକୁ ଆଶୀର୍ବାଦ କରିଆସିବା କହି ଶେଷରେ ସେ ନିଜ ମା'ଙ୍କୁ ରାଜି କରାଇବାରେ ସକ୍ଷମ ହୋଇଯାନ୍ତି। ନିର୍ଦ୍ଧାରିତ ଦିନ ଯାଇ ସେମାନେ ମୁମ୍ବାଇରେ ପହଞ୍ଚିଯାନ୍ତି। ନବଜନ୍ମିତ ଶିଶୁକୁ ଦେଖିସାରିବା ପରେ ହଠାତ୍ ଶରଥ ପ୍ଲାନ କରନ୍ତି ସେଠାରୁ ନାସିକ୍ ଯାଇ ମା'ଙ୍କୁ ଆଖପାଖର କେତେକ ଜାଗା ଦେଖାଇବା ପାଇଁ। କିନ୍ତୁ ମା' ରାଜି ହୁଅନ୍ତି ନାହିଁ। ବହୁତ ବୁଝାଶୁଝା କରିବା ପରେ ଶେଷରେ ତାଙ୍କ ମା' ରାଜି ହୁଅନ୍ତି ଆଉ ସେମାନେ ଯାଇ ନାସିକ୍‌ର ବିଭିନ୍ନ ଜାଗା ବୁଲନ୍ତି। ପ୍ରଥମଥର ଘରୁ ବାହାରି କିଛି ନୂଆ ଜାଗା ଦେଖିଥିବାରୁ ଶରଥଙ୍କ ମା' ଖୁବ୍ ଖୁସିଥାନ୍ତି। ତା'ପରେ ସେମାନେ ଘରକୁ ଫେରିଆସନ୍ତି। ବାସ୍ ତା'ପରଠୁ ଶରଥ କ୍ରମାଗତ ଭାବେ ମା'ଙ୍କୁ ନେଇ ନୂଆନୂଆ ଜାଗା ବୁଲିଯାନ୍ତି ଆଉ ତାଙ୍କୁ ନୂଆ ଅନୁଭୂତିମାନ ଦେଇଥାନ୍ତି। ଧୀରେ ଧୀରେ ତାଙ୍କ ମା'ଙ୍କର ବି ବାହାରେ ବୁଲିବାର ଭୟ ଛାଡିଯାଏ। ବେଳେବେଳେ ସେମାନେ କିଛିଟା ଦୁଃସାହସିକ ପର୍ଯ୍ୟଟନରେ ବି ବୁଲିଯାଇ ଫଟୋ ଉଠାଇଥାନ୍ତି। କେତେବେଳେ ପୁଅ ସଙ୍ଗେ ମିଶି ସାଇକେଲ୍ ଚଲାଇବା ତ କେତେବେଳେ ବୁଲେଟ୍‌ରେ ବସି ବୁଲିବା। ପୁଣି କେତେବେଳେ ଟ୍ରେକିଂ କରି ଉଚ୍ଚ ଉଚ୍ଚ ପାହାଡ ଚଢିବା, ବରଫରେ ଖେଳିବା ଇତ୍ୟାଦି। ଯା'ଭିତରେ ମା'ପୁଅ ଦେଶର ବିଭିନ୍ନ ସ୍ଥାନ ବୁଲି ଦେଖିବା ସହ ବିଦେଶର କିଛିଟା ସ୍ଥାନ ମଧ୍ୟ ବୁଲିସାରିଲେଣି। ଏବେ ଆହୁରି କେତେକ ସ୍ଥାନ ବାକି ଅଛି ଯେଉଁଠିକି ଶରଥ ନିଜ ମା'ଙ୍କୁ ବୁଲାଇ ନେବାକୁ ଇଚ୍ଛା ରଖିଛନ୍ତି। ସତରେ ଆଜିକାଲିକା ଯୁଗରେ ମା'ବାପାଙ୍କୁ ଭୁଲି ସାଙ୍ଗସାଥୀ ମେଳରେ ବୁଲିବାକୁ ପସନ୍ଦ କରୁଥିବା ଯୁବପିଢିଙ୍କ ପାଇଁ ଶରଥ ଜଣେ ଉଦାହରଣ।

### ମା'ଙ୍କର ଶେଷ ଇଚ୍ଛା ପୂର୍ତ୍ତି ପାଇଁ ୧୨ ଲକ୍ଷ ଟଙ୍କା ଦାନକଲେ ପୁଅ

କେରଳର କନ୍ନୁର ଜିଲା ଅନ୍ତର୍ଗତ ମାୟିଲ ନାମକ ଏକ ସ୍ଥାନରେ ରୁହନ୍ତି କେ କେ ଉନ୍ନିକ୍ରିଷ୍ଣନ ଓ କେ କେ ବିନୋଦ କୁମାର। ସମ୍ପର୍କରେ ଦୁଇ ଭାଇ। ସେମାନଙ୍କ ବାପା କନ୍ନୋଥ ନାରାୟନନ୍ ନାମ୍ବିଆର୍ ସ୍ଥାନୀୟ ଅଞ୍ଚଳରେ ବିଲ୍ କଲେକ୍ଟର ଭାବେ କାମ କରୁଥିଲେ। ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ ଅର୍ଥାତ୍ ଉନ୍ନିକ୍ରିଷ୍ଣନ ଓ ବିନୋଦ କୁମାରଙ୍କ ମା' କନିୟେରୀ କନ୍ନୋଥ ସନ୍ଥଙ୍କୁ ପ୍ରତିମାସରେ ପେନ୍‌ସନ୍ ଟଙ୍କା ମିଳୁଥିଲା। ବାପଛେଉଣ୍ଡ ପିଲାଙ୍କୁ ମଣିଷ କରିବା ସହ ଘରର ସମସ୍ତ ଦାୟିତ୍ୱ ସନ୍ଥଙ୍କୁ ବୁଝିବାକୁ ପଡିଲା। ସେତେବେଳେ ଏହି ପେନ୍‌ସନ୍ ଟଙ୍କା ହିଁ ତାଙ୍କର ମୁଖ୍ୟ ସାହାରା ସାଜିଲା। ଘରଖର୍ଚ୍ଚ ସାଙ୍ଗକୁ ପିଲାଙ୍କ ପାଠପଢା ସବୁକଥା ବୁଝିବା ପରେ ଯାହା କିଛି ଅଳ୍ପ ବଳୁଥିଲା ତାହାକୁ ସେ ବିପଦ ଆପଦ ପାଇଁ ଜମାଖାତାରେ ସଞ୍ଚୟ କରି ରଖିଦେଉଥିଲେ। ଧୀରେ ଧୀରେ ପିଲାମାନେ ବଡ଼ ହୋଇ ସ୍ୱାବଲମ୍ବୀ ହେଲେ। ବାହା ହୋଇ ଘର ସଂସାର ବି କଲେ। ସେମିତି କିଛି ବିଶେଷ ଆବଶ୍ୟକତା ପଡି ନ ଥିବାରୁ ସନ୍ଥଙ୍କର ସେହି ଜମାଖାତାରୁ କେବେ ବି ଟଙ୍କା ଉଠା ହୋଇ ନ ଥିଲା। ବୟସାଧିକ ହେତୁ ସନ୍ଥଙ୍କ ଦେହ ଧୀରେ ଧୀରେ ଖରାପ ହେଲା। ଏହି ସମୟରେ ସେ ଜାଣିବାକୁ ପାଇଲେ ଯେ, ତାଙ୍କ ଗାଁ ନିକଟରେ ଥିବା ଚେରୁପାଝାସି ନାମକ ଏକ ସ୍ଥାନରେ ନବକେରଲା ଲାଇବ୍ରେରି ନାଁରେ ଏକ ବହୁ ପୁରୁଣା ପାଠାଗାର ରହିଛି। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ତାହାର ସ୍ଥିତି ଆଉ ସେତେ ଭଲ ନାହିଁ। ଆଖପାଖ ଅଞ୍ଚଳର ଗରିବ ମେଧାବୀ ପିଲାମାନଙ୍କର ସାହାରା ସାଜିଥିବା ଏହି ଲାଇବ୍ରେରିର ପୁନରୁଦ୍ଧାର ହେବା ନିହାତି ଆବଶ୍ୟକ। ତେଣୁ ସନ୍ଥ ନିଜ ପିଲାମାନଙ୍କୁ କହିଥିଲେ, ମୋର ଜମାଖାତାରେ ଯାହା ବି ସଞ୍ଚିତ ଟଙ୍କା ଅଛି ସେ ସବୁକୁ ଉଠାଇ ଆଣି ଏହି ଲାଇବ୍ରେରିକୁ ଦାନ କରିଦେବ। ତା'ସହିତ ତାଙ୍କ ନିଜ ଆଲମାରିରେ ବି ଆଉ କିଛି ଟଙ୍କା ଅଛି ତାକୁ ବି ଦେଇଦେବ। ମା'ଙ୍କ କଥା ମାନି ପିଲାମାନେ ଜମାଖାତାରୁ ଟଙ୍କା ଉଠାଇ ଆଣିଲେ। ହେଲେ ଦୁର୍ଭାଗ୍ୟ ସେ ଟଙ୍କାକୁ ଦାନ କରିବା ପୂର୍ବରୁ ହିଁ ସନ୍ଥଙ୍କର ମୃତ୍ୟୁ ହୋଇଗଲା। କିନ୍ତୁ ତାଙ୍କ ପୁଅମାନେ ତାଙ୍କର ସେହି ଶେଷ ଇଚ୍ଛାକୁ ସମ୍ମାନ ଦେବାକୁ ଯାଇ ମା'ଙ୍କର ଶୁଦ୍ଧିକ୍ରିୟା ଚାଲିଥିବା ଭିତରେ ହିଁ ଜମାଖାତାରୁ ଆସିଥିବା ଟଙ୍କା ଏବଂ ମା'ଙ୍କ ଆଲମାରିରେ ଥିବା ଟଙ୍କା ସବୁକୁ ଏକାଠି କରି ଗଣିବାରୁ ଜାଣିଲେ ଯେ, ସେସବୁ ପ୍ରାୟ ୧୨ ଲକ୍ଷ ଟଙ୍କା ହେଉଛି। ସଙ୍ଗେସଙ୍ଗେ ସେମାନେ ନବକେରଲା ଲାଇବ୍ରେରିର

→



ମା'ଙ୍କ ସହ ପୁଅ ଶରଥ




ଇବ୍ରାହିମ୍‌ଙ୍କର ଷ୍ଟ୍ରେଚର୍‌ରେ ମା'ଙ୍କୁ ତାଜମହଲ ବୁଲାଇବାର ଦୃଶ୍ୟ


କେ କେ ଉନ୍ନିକ୍ରିଷ୍ଣନଙ୍କର ଲାଇବ୍ରେରୀକୁ ଟଙ୍କା ଦାନ

ପ୍ରେସିଡେଣ୍ଟ ଓ ସେକ୍ରେଟାରିଙ୍କୁ ଖବର ଦେଲେ ତାଙ୍କ ଘରକୁ ଆସି ଏହି ଟଙ୍କାକୁ ନେଇଯିବା ପାଇଁ। ଖବର ପାଇ ସେମାନେ ବି ଆସିଲେ। ସସମ୍ମାନେ ଉନ୍ନିକ୍ରିଷ୍ଣନ ଓ ବିନୋଦ ମା'ଙ୍କର ସେହି ସଞ୍ଚିତ ରାଶିକୁ ଲାଇବ୍ରେରି କର୍ତ୍ତୃପକ୍ଷଙ୍କୁ ଦାନ କରି ମା'ଙ୍କର ଶେଷ ଇଚ୍ଛାକୁ ପୂରଣ କରିବାରେ ସକ୍ଷମ ହେଲେ। ସୂଚନାନୁଯାୟୀ, ପରେ ସେହି ଟଙ୍କାରେ କୁଆଡ଼େ ଉକ୍ତ ଲାଇବ୍ରେରିର ପ୍ରଥମ ମହଲା ଘର ତିଆରି କରାଯାଇ ତାହାକୁ ୮ଟି ସବ୍-ସେକ୍ସନରେ ବିଭକ୍ତ କରାଯାଇଥିଲା ଏବଂ ସେଥିରେ ବିଭିନ୍ନ ବିଷୟକୁ ଆଧାର କରି ପ୍ରାୟ ୧୨ ହଜାର ପାଠ୍ୟପୁସ୍ତକକୁ ସ୍ଥାନ ଦିଆଯାଇଥିଲା ; ଯାହାକି ପ୍ରଶଂସାଯୋଗ୍ୟ।

### ଚାଲିପାରୁ ନ ଥିବା ମା'ଙ୍କର ତାଜମହଲ ଦେଖିବାର ଇଚ୍ଛାକୁ ପୂରଣ କଲେ ପୁଅ

ଗୁଜରାଟର କଚ୍ଛ ଅଞ୍ଚଳର ବାସିନ୍ଦା ହେଲେ ଇବ୍ରାହିମ୍। ମା'ଙ୍କର ସେ ଥିଲେ ଗେହ୍ଲାପୁଅ। ଯେତେ କଷ୍ଟ ପଡିଲେ ବି ପୁଅର ସବୁ ଇଚ୍ଛାକୁ ପୂରଣ କରିବାକୁ ତାଙ୍କ ମା' ସବୁବେଳେ ପ୍ରସ୍ତୁତ ରହୁଥିଲେ। ଇବ୍ରାହିମ୍ ବି ମା'ଙ୍କୁ ସେତିକି ସମ୍ମାନ କରୁଥିଲେ। ମା'ପୁଅଙ୍କର ଏହି ଅନାବିଳ ଭଲପାଇବା ଭିତରେ ସମୟ ଗଡ଼ି ଚାଲିଲା। ବୟସ ବଢିବା ଯୋଗୁ ଇବ୍ରାହିମ୍‌ଙ୍କ ମା'ଙ୍କର ଅଣ୍ଠା ରୋଗ ବାହାରିଲା। ଯେତେ ଔଷଧପତ୍ର ଖାଇଲେ ବି ତାହା ଆଉ ଭଲ ହେଲାନି। ଧୀରେ ଧୀରେ ଇବ୍ରାହିମ୍‌ଙ୍କ ମା' ଆଉ ଚଲାବୁଲା କରିପାରିଲେ ନାହିଁ। ତାଙ୍କ ପାଇଁ ହ୍ୱିଲ୍ ଚେୟାର୍‌ର ଆବଶ୍ୟକତା ପଡିଲା। ଇବ୍ରାହିମ୍ ମା'ଙ୍କ ସୁବିଧା ପାଇଁ ଏକ ସ୍ୱତନ୍ତ୍ର ଧରଣର ହ୍ୱିଲ୍ ଚେୟାର ଆଣିଲେ ; ଯାହାକୁ ହ୍ୱିଲ୍ ଚେୟାର୍ ଭାବେ ବ୍ୟବହାର କରିହେବ, ଆଉ ଆବଶ୍ୟକ ପଡିଲେ ଏହାକୁ ଷ୍ଟ୍ରେଚର୍‌ର ରୂପ ଦେଇ ସେଥିରେ ମା'ଙ୍କୁ ଶୁଆଇ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇହେବ। ପ୍ରାୟ ୩୨ ବର୍ଷ ଏମିତି କଟିଗଲା। ଇବ୍ରାହିମ୍‌ଙ୍କ ମା' ପୂରା ବୃଦ୍ଧା ହୋଇଗଲେ। ତାଙ୍କୁ ଯେତେବେଳେ ୮୫ ବର୍ଷ ବୟସ ହେଲା କେଜାଣି କାହିଁକି ହଠାତ୍ ଇବ୍ରାହିମ୍‌ଙ୍କ ମା'ଙ୍କର ଉତ୍ତରପ୍ରଦେଶ ଆଗ୍ରାସ୍ଥିତ ବିଶ୍ୱପ୍ରସିଦ୍ଧ ତାଜମହଲ ଦେଖିବାକୁ ଇଚ୍ଛା ହେଲା। ତାଙ୍କର ସେହି ଇଚ୍ଛାକୁ ସେ ଯେତେବେଳେ ପୁଅ ଇବ୍ରାହିମ୍ ଆଗରେ କହିଲେ, ଇବ୍ରାହିମ୍ କିଛି ସମୟ ପାଇଁ ଆଶ୍ଚର୍ଯ୍ୟ ହୋଇଗଲେ। ଏତେ ବୟସରେ ପୁଣି ଏମିତି ଅବସ୍ଥାରେ ସେ ମା'ଙ୍କୁ କେମିତି ଆଗ୍ରା ନେଇ ଯିବେ, ସେହି କଥା ଖାଲି ଭାବିହେଲେ। ଦିନେ ନିଷ୍ପତ୍ତି ନେଲେ, ଯାହା ପଛେ ହେଇଯାଉ ସେ ଯେମିତି ହେଲେ ମା'ଙ୍କର ଶେଷ ଇଚ୍ଛାକୁ ପୂରଣ କରିବେ ଆଉ ତାଙ୍କୁ ତାଜମହଲ ଦେଖାଇବେ। ଏଥିପାଇଁ ସେ ଟ୍ରେନ୍‌ର ସାହାରା ନେଲେ। ହ୍ୱିଲ୍ ଚେୟାର୍‌କୁ ଷ୍ଟ୍ରେଚର୍‌ର ରୂପ ଦେଇ ସେଥିରେ ମା'ଙ୍କୁ ଶୁଆଇ ସେ ଟ୍ରେନ୍ ଯୋଗେ ପ୍ରଥମେ ଆସି ଆଗ୍ରାରେ ପହଞ୍ଚିଲେ। ତା'ପରେ ସେଠାରୁ ତାଜମହଲ ପର୍ଯ୍ୟନ୍ତ ଗଲେ। କିନ୍ତୁ ଇବ୍ରାହିମ୍‌ଙ୍କ ମା' ଯେହେତୁ ଷ୍ଟ୍ରେଚର୍‌ରେ ଶୋଇଥିଲେ ତେଣୁ ତାଙ୍କର ଗୁରୁତର ଅବସ୍ଥାକୁ ଦେଖି ପ୍ରଥମେ ତାଜମହଲ ଭିତରକୁ ପ୍ରବେଶ କରିବାକୁ ତାଙ୍କୁ ବାରଣ କରାଯାଇଥିଲା। ହେଲେ ପରେ ଯେତେବେଳେ ଇବ୍ରାହିମ୍ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ସବୁକଥା ଜଣାଇଥିଲେ ଆଉ ତାଙ୍କ ମା' ହ୍ୱିଲ୍ ଚେୟାର୍‌ରେ ବସି ବୁଲିପାରିବେ ବୋଲି ଆଶ୍ୱାସନା ଦେଲେ ତା'ପରେ ତାଙ୍କୁ ଭିତରକୁ ଯିବାକୁ ଦିଆଯାଇଥିଲା। ମା'ଙ୍କର ଶେଷ ଇଚ୍ଛାକୁ ପୂରଣ କରିପାରିଥିବାରୁ ସେଦିନ ଇବ୍ରାହିମ୍ ବହୁତ ଖୁସିଥିଲେ ଆଉ ତାଙ୍କ ମା' ବି। ସେତେବେଳେ ଏହି ଘଟଣାକୁ ନେଇ ସୋସିଆଲ୍ ମିଡିଆରେ ଖୁବ୍ ଚର୍ଚ୍ଚା ମଧ୍ୟ ହୋଇଥିଲା।

### ମା'ଙ୍କ ସ୍ମୃତିରେ ତାଜମହଲ ଗଢ଼ିଲେ ପୁଅ

ତାମିଲନାଡୁର ଥିରୁଭାରୁର ଜିଲା ଅନ୍ତର୍ଗତ ଆମ୍ମାଇୟାପ୍ପାନ ନାମକ ଏକ ସ୍ଥାନରେ ସପରିବାରେ ରହୁଥିଲେ ଅବଦୁଲ୍ କଦାର୍। ପରେ ଚେନ୍ନାଇ ଆସି ସେଠାରେ ହାର୍ଡୱେର୍ ଷ୍ଟୋର କରି ପରିବାର ପ୍ରତିପୋଷଣ କଲେ। ପରିବାର କହିଲେ ସ୍ତ୍ରୀ ଜୟିଲାନି ବିୱି ଓ ଚାରି ଝିଅ ଓ ଗୋଟେ ପୁଅ। ବେଶ୍ ହସଖୁସିରେ ତାଙ୍କର ଦିନ କଟୁଥିଲା। କିନ୍ତୁ ହଠାତ୍ ରୋଗାଗ୍ରସ୍ତ ହୋଇ ଅବଦୁଲ୍ ଆଖି ବୁଜିଲେ। ପରିବାର ଓ ପିଲାମାନଙ୍କ କଥା ବୁଝିବାକୁ ଅଣ୍ଟାଭିଡ଼ିଲେ ଜୟିଲାନି। ସେତେବେଳକୁ ପୁଅ ଅମୃଦ୍ଦିନ୍ ଶେଖ୍ ଦାୱୁଦ୍‌ଙ୍କୁ ମାତ୍ର ୧୧ ବର୍ଷ ବୟସ ହୋଇଥାଏ। ଘର କଥା ତା'ସାଙ୍ଗକୁ ହାର୍ଡୱେର୍ ଷ୍ଟୋର କଥା ବୁଝିବା ସବୁକିଛି ଜୟିଲାନିଙ୍କୁ କରିବାକୁ ପଡିଲା। ସମୟ ଗଡ଼ିଚାଲିଲା। ଧୀରେ ଧୀରେ ପିଲାମାନେ ପାଠ ପଢି ବଡ଼ ହେଲେ। ଝିଅମାନେ ବାହା ହେଲେ। ପୁଅ ଅମୃଦ୍ଦିନ୍ ବିଏ ପାସ୍ କରି ହାର୍ଡୱେର୍ ଷ୍ଟୋର କଥା ବୁଝିବା ସହ ଚେନ୍ନାଇରେ ନିଜର ଆଉ ଏକ ବ୍ୟବସାୟ ମଧ୍ୟ ଆରମ୍ଭ କଲେ। ମା' କେତେ କଷ୍ଟ କରି ତାଙ୍କୁ ମଣିଷ କରିଛନ୍ତି ସେକଥାକୁ ସେ ସବୁବେଳେ ଭାବୁଥିଲେ। ତେଣୁ ମା'ଙ୍କୁ ଦୁନିଆର ସବୁ ଖୁସି ଦେବାକୁ ସେ ସବୁବେଳେ ଆଗଭର ଥିଲେ। ହେଲେ ବିଧିର ବିଧାନ ଭିନ୍ନ ଥିଲା। ତାଙ୍କ ମା'ଙ୍କର ବି ଦେହ ଖରାପ ହେଲା ଆଉ ସେ ବି ଆରପାରିକୁ ଚାଲିଗଲେ। କିନ୍ତୁ ମା'ଙ୍କର ଦେହାନ୍ତକୁ ସେ ସହଜରେ ଗ୍ରହଣ କରିପାରୁ ନ ଥିଲେ। ଆଉ ତାଙ୍କରି ସ୍ମୃତିରେ କିଛି ଗୋଟେ କରିବା ପାଇଁ ସେ ଚାହୁଁଥିଲେ। ଏହି ସମୟରେ ତାଙ୍କ ମନକୁ ଆସିଲା ତାଙ୍କର ପ୍ରାୟ ୧ ଏକରରୁ ବଡ଼ ଏକ ଜାଗା ଅଛି। ସେଠାରେ ସେ ମା'ଙ୍କର ସମାଧି ଗଢିବା ସହ ତାଙ୍କରି ସ୍ମୃତିରେ ଏକ ସ୍ମୃତିସ୍ତମ୍ଭ ତିଆରି କରିବାକୁ ଚିନ୍ତା କଲେ। ଏମିତି ଏକ ସ୍ମୃତିସ୍ତମ୍ଭ ଯାହାକି ଆଗ୍ରାର ତାଜମହଲ ପରି ଟିକେ ଲାଗିବ। କାରଣ ତାଙ୍କ ମା'ଙ୍କର ତାଜମହଲ ଖୁବ୍ ପସନ୍ଦ ଥିଲା। ବାସ୍ ତା'ପରଠୁ ଜୋରସୋର୍‌ରେ କାମ ଚାଲିଲା। ପ୍ରାୟ ୨ବର୍ଷ ପରେ ପାଖାପାଖି ୫ କୋଟି ଟଙ୍କା ବ୍ୟୟରେ ଅମୃଦ୍ଦିନ୍ ମା'ଙ୍କ ସ୍ମୃତିରେ ସେହି ସ୍ଥାନରେ ଏକ ସୁନ୍ଦର ତାଜମହଲର ପ୍ରତିକୃତି ତିଆରି କରିବାରେ ସଫଳ ହୋଇଗଲେ ; ଯାହାର ଖୁବ୍ ଚର୍ଚ୍ଚା ଆଜି ବି ହେଉଛି। ଫରକ କେବଳ ଏତିକି ଆଗ୍ରାରେ ଥିବା ତାଜମହଲ ଶାହାଜହାନ ଓ ମୁମ୍‌ତାଜ୍‌ଙ୍କର ଅମର ପ୍ରେମର ଗାଥା କହୁଥିବାବେଳେ ତାମିଲନାଡୁରେ ଗଢି ଉଠିଥିବା ଏହି ତାଜମହଲଟି କିନ୍ତୁ ଗୋଟେ ପୁଅର ତା' ମା' ପ୍ରତି ଥିବା ଶ୍ରଦ୍ଧା ଓ ଭକ୍ତିର କାହାଣୀ ବଖାଣୁଛି। ତେବେ ଅମୃଦ୍ଦିନ୍ ମା'ଙ୍କ ସ୍ମୃତିରେ କେବଳ ଏହି ତାଜମହଲଟି ଗଢି ଚୁପ୍ ହୋଇ ରହିଯାଇ ନାହାନ୍ତି, ସେହି ପରିସରରେ ଏକ ମଦ୍ରାସା ସ୍କୁଲ୍ ଗଢି ସେଠାରେ କିଛି ପିଲାଙ୍କୁ ମାଗଣାରେ ଶିକ୍ଷା ପ୍ରଦାନ କରୁଛନ୍ତି। ତା'ସହିତ ପ୍ରତିବର୍ଷ ନିଜ ମା'ଙ୍କ ଶ୍ରାଦ୍ଧ ଦିବସ ଅବସରରେ ସେ ନିଜ ହାତରେ ବିରିୟାନୀ ତିଆରି କରି ହଜାର ହଜାର ସଂଖ୍ୟାର ଗରିବ ନିଃସହାୟ ଲୋକଙ୍କୁ ଖାଇବାକୁ ଦେଉଛନ୍ତି ; ଯେଉଁଠାକୁ ସବୁ ଧର୍ମର ଲୋକେ ଯାଇପାରିବେ। ସତରେ ଅମୃଦ୍ଦିନ୍‌ଙ୍କର ତାଙ୍କ ମା' ପ୍ରତି ଥିବା ଏହି ଭକ୍ତିଭାବକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ।




ମା'ଙ୍କ ସହ ଅମୃଦ୍ଦିନ୍

# ଅନନ୍ୟା ଅତୁଳନୀୟା ଭୁବନେଶ୍ୱରୀ

**ବାପା ମା' ଙ୍କ ଏକମାତ୍ର ସନ୍ତାନଭାବେ ଐଶ୍ୱର୍ଯ୍ୟ ଓ ଅଲିଅଳରେ ବଢିଥିବା ଭୁବନେଶ୍ୱରୀଙ୍କ ପରବର୍ତ୍ତୀ ଜୀବନରେ ଥିଲା କେବଳ ଦୁଃଖ । ଦଶ ବର୍ଷ ବୟସରେ ବିବାହ ହୁଏ। ଛଅ କନ୍ୟା ଓ ଚାରି ପୁତ୍ରର ଜନନୀ ମଧ୍ୟ ହୁଅନ୍ତି। ମାତ୍ର ଅତି ଅଳ୍ପ ବୟସରେ ବୈଧବ୍ୟ ଯନ୍ତ୍ରଣାକୁ ବି ସହନ୍ତି। ସେପଟେ ପରିବାରରେ ଘୋର ଅଭାବ। ଏପରିକି ପିନ୍ଧା ଲୁଗା ଖଣ୍ଡିକ ମଧ୍ୟ ସାତସିଆଁ ।**

୧୮୪୧ ମସିହାରେ ଏକ ଆଭିଜାତ ପରିବାରରେ ଭୁବନେଶ୍ୱରୀଙ୍କ ଜନ୍ମ। ପିଲାଦିନେ ଜଣେ ମେମ୍‌ଙ୍କ ପାଖରୁ ଇଂରାଜୀ ଶିଖିଥିଲେ । ତେଣୁ ଶିଶୁ ନରେନ୍ ( ପରବର୍ତ୍ତୀ କାଳରେ ବିବେକାନନ୍ଦ ) ତାଙ୍କ ମା'ଙ୍କ ପାଖରୁ ହିଁ ଇଂରାଜୀ ଶିକ୍ଷାଲାଭ କରିଥିଲେ । ବିବେକାନନ୍ଦଙ୍କ ବିଦେଶୀ ଅନୁଗାମୀ ଏବଂ ଭକ୍ତମାନଙ୍କ ସହିତ ସେ ଇଂରାଜୀ ଭାଷାରେ ହିଁ କଥାବାର୍ତ୍ତା କରୁଥିଲେ। ସେ ଯେମିତି ମହିୟସୀ ଥିଲେ ସେମିତି ଥିଲେ ଆକ୍ଷରିକ ଅର୍ଥରେ ସର୍ବଂସହା । ବାପା ମା' ଙ୍କ ଏକମାତ୍ର ସନ୍ତାନଭାବେ ଐଶ୍ୱର୍ଯ୍ୟ ଓ ଅଲିଅଳରେ ବଢିଥିବା ଭୁବନେଶ୍ୱରୀଙ୍କ ପରବର୍ତ୍ତୀ ଜୀବନ କିନ୍ତୁ କେବଳ ଦୁଃଖ ଆଉ ଦୁଃଖ । ଦଶ ବର୍ଷ ବୟସରେ ତାଙ୍କର ବିବାହ ହୁଏ। ଛଅ କନ୍ୟା ଓ ଚାରି ପୁତ୍ରର ଜନନୀ ମଧ୍ୟ ହୁଅନ୍ତି। ମାତ୍ର ଅତି ଅଳ୍ପ ବୟସରେ ବୈଧବ୍ୟ ଯନ୍ତ୍ରଣାକୁ ବି ସହନ୍ତି। ସେପଟେ ପରିବାରରେ ଘୋର ଅଭାବ। ଏପରିକି ପିନ୍ଧା ଲୁଗା ଖଣ୍ଡିକ ମଧ୍ୟ ସାତସିଆଁ। ଲୁଗାରେ ଏତେ ଗଣ୍ଠି ପଡ଼ି ଯାଇଥିଲା ଯେ ଆଉ ପିନ୍ଧିବା ସମ୍ଭବ ହେଉନଥିଲା । ଅନ୍ତର୍ଯ୍ୟାମୀ ଠାକୁର ରାମକୃଷ୍ଣ ପରମହଂସ ଦେବ ଦକ୍ଷିଣେଶ୍ୱର ରେ ଥାଇ ମଧ୍ୟ ଜାଣି ପାରିଲେ ଯେ ତାଙ୍କର ପ୍ରିୟ ନରେନଙ୍କ ମା'ଙ୍କର ପିନ୍ଧା ବସ୍ତ୍ର ଖଣ୍ଡେ ମଧ୍ୟ ନାହିଁ । ସେ ଯେତେବେଳେ ନରେନଙ୍କ ହାତରେ ତାଙ୍କ ପାଇଁ ଖଣ୍ଡେ ବସ୍ତ୍ର ପଠାଇବାକୁ ଚାହିଁଲେ, ନରେନ୍ ତାହା ନେବା ପାଇଁ ଅସ୍ୱୀକାର କଲେ । ପରେ ଠାକୁର ରାମକୃଷ୍ଣ ପରମହଂସ ଦେବ ରାମଲାଲ ହାତରେ ଭୁବନେଶ୍ୱରୀଙ୍କ ପାଖକୁ ଖଣ୍ଡେ ଲୁଗା ପଠାଇଥିଲେ । ଦୁଃଖ କେବଳ ଏତିକି ନ ଥିଲା ତା'ପରେ ଆଦରଣୀୟା କନ୍ୟାମାନଙ୍କର ଆତ୍ମହନନ, ପ୍ରାଣାଧିକ ପ୍ରିୟ ସନ୍ତାନର ସନ୍ନ୍ୟାସୀ ହୋଇଯିବା, ଆତ୍ମୀୟମାନେ ଅଦାଲତରେ ମାମଲା କରି ତାଙ୍କୁ ସ୍ୱାମୀଙ୍କ ଭିଟାମାଟିରୁ ବିତାଡିତ କରିବା ଫଳରେ ମାନସିକ ଭାବରେ ବିପର୍ଯ୍ୟସ୍ତ ଏବଂ କପର୍ଦ୍ଦକଶୂନ୍ୟ ହୋଇ ଜୀବନଯାପନ କରୁଥିଲେ ଶ୍ରୀମତୀ ଭୁବନେଶ୍ୱରୀ ଦାସୀ ।


ମା' ଭୁବନେଶ୍ୱରୀଙ୍କ ସହ ବିବେକାନନ୍ଦ

ଏହାପରେ ସମ୍ଭବତଃ ଆସି ପହଞ୍ଚିଥିଲା ତାଙ୍କ ଜୀବନର ସବୁଠାରୁ ବଡ଼ ଅଭିଶପ୍ତ ଦିନ । ୧୯୦୨ ମସିହା ଜୁଲାଇ ମାସ ୫ ତାରିଖ ।
ବିବେକାନନ୍ଦଙ୍କ ଦେହକୁ ଯେତେବେଳେ ଚନ୍ଦନ କାଠର ଚିତା ଉପରେ ସ୍ଥାପନ କରାଯାଇଥିଲା, ଠିକ୍ ସେତିକିବେଳେ ସେଠାରେ ଆସି ପହଞ୍ଚିଥିଲେ ଜନନୀ ଭୁବନେଶ୍ୱରୀ ।
ବୁକୁଫଟା କାନ୍ଦଣାରେ ଚତୁର୍ଦ୍ଦିଗ କମ୍ପି ଉଠିଲା । କାନ୍ଦୁ କାନ୍ଦୁ ଲୋଟି ପଡିଲେ ବେଲୁର ମଠର ମାଟି ଉପରେ ।

– କ'ଣ ହେଲା ମୋ'ର ନରେନ୍‌ର ?
– ହଠାତ୍ ଚାଲିଗଲା କାହିଁକି ?
– ଫେରିଆ ମୋର ଧନ, ଫେରିଆ ।
– ମୋତେ ଛାଡ଼ି ଚାଲିଯାଆନି ବାପା ।
– ମୁଁ ଆଉ କେମିତି ବଞ୍ଚିବି ।
– ଫେରିଆ ବାପା, ଫେରିଆ ।

ଉପସ୍ଥିତ ସନ୍ନ୍ୟାସୀମାନେ ତାଙ୍କୁ ଶାନ୍ତ କରିବାପାଇଁ ଚେଷ୍ଟା କଲେ । ତା'ପରେ ଅର୍ଦ୍ଧଚେତନ ଅବସ୍ଥାରେ ତାଙ୍କୁ ଟେକି ନେଇ ନୌକାରେ ବସାଇଲେ ।
ଜଳି ଉଠିଲା ବିବେକାନନ୍ଦଙ୍କର ଚିତା ।

ଗଙ୍ଗା ନଦୀରୁ ତଥାପି ଭାସି ଆସୁଛି ଭୁବନେଶ୍ୱରୀଙ୍କର ବୁକୁଫଟା କାନ୍ଦଣା ।
– ଫେରିଆ ବାପା, ଫେରିଆ ।
ଧୀରେ ଧୀରେ ଭୁବନେଶ୍ୱରୀଙ୍କୁ ନେଇ ଯାଉଥିବା ନୌକା ଅଦୃଶ୍ୟ ହୋଇଗଲା । ତଥାପି ଗଙ୍ଗା ବୁକୁରେ ଭାସୁଥିଲା ତାଙ୍କର କାନ୍ଦଣା। ପ୍ରତିଧ୍ୱନିତ ହେଉଥିଲା – 'ଫେରିଆ ବାପା, ଫେରିଆ'।
ଦୁର୍ଭାଗ୍ୟର ଅନ୍ତ ଏତିକିରେ ହୋଇ ନ ଥିଲା ।
ମଝିଆଁ ପୁଅ ମହେନ୍ଦ୍ର ନାଥ ନିଖୋଜ । ସାନ ପୁଅ ଭୂପେନ୍ଦ୍ରନାଥ ଇଂରେଜମାନଙ୍କର ବିରୁଦ୍ଧାଚରଣ କରି ଜେଲ୍‌ରେ ଏବଂ ତା'ପରେ ମା'ଙ୍କର ବହୁ କଷ୍ଟରେ ସଞ୍ଚିତ ଅବଶିଷ୍ଟ ସମ୍ବଳ ଯାହା କିଛି ଗହଣା ଥିଲା ସବୁ ବିକ୍ରି କରିଦେଇ ମାର୍କିନ ଦେଶକୁ ଚାଲିଗଲେ।
ଏତେସବୁ ନିରବରେ ସହ୍ୟ କରି ନିଃସହାୟ ଅବସ୍ଥାରେ ବିଧବା ମା'ଙ୍କ ଆଶ୍ରୟରେ ବାକି ଜୀବନ ଅତିବାହିତ କରିଥିଲେ ।
୧୯୧୧ ମସିହା, ଜୁଲାଇ ୨୫ ତାରିଖ ଦିନ ମେନିନ୍‌ଜାଇଟିସ୍ ରୋଗରେ ଆକ୍ରାନ୍ତ ଭୁବନେଶ୍ୱରୀ ମୃତ୍ୟୁବରଣ କରିଥିଲେ । ଶେଷକୃତ୍ୟ ବେଳେ ଶ୍ମଶାନରେ ଉପସ୍ଥିତ ଥିଲେ ମଝିଆଁ ପୁଅ ମହେନ୍ଦ୍ର ନାଥ ଏବଂ ସିଷ୍ଟର ନିବେଦିତା । କନିଷ୍ଠ ପୁତ୍ର ଭୂପେନ୍ଦ୍ରନାଥ ସେତେବେଳେ ଆମେରିକାରେ ନିର୍ବାସିତର ଜୀବନ ଯାପନ କରୁଛନ୍ତି ଏବଂ ବିଶ୍ୱବିଖ୍ୟାତ ସନ୍ନ୍ୟାସୀ ପୁତ୍ର ବିବେକାନନ୍ଦ ତ ନଅ ବର୍ଷ ପୂର୍ବରୁ ମହାସମାଧିରେ ମଗ୍ନ ।
ସତରେ ଅନନ୍ୟା, ଅତୁଳନୀୟା, ସର୍ବଂସହା,ରତ୍ନଗର୍ଭା ଥିଲେ ବିବେକାନନ୍ଦଙ୍କ ଜନନୀ ।

–ପ୍ରଦୀପ କୁମାର ରାୟ
ମୋ:୯୪୩୭୫୩୪୭୭୩

**ପ୍ରଚ୍ଛଦ ପ୍ରସଙ୍ଗର ଅବଶିଷ୍ଟାଂଶ...**

## ମା' ଖୁସି ପାଇଁ...

### ଚାଲି ପାରୁ ନ ଥିବା ମା'ଙ୍କୁ କାନ୍ଧରେ ଟେକି ବୁଲାଇଲେ ପୁଅ


କେରଳର କୋଟ୍ଟାୟମ୍ ଜିଲା ଅନ୍ତର୍ଗତ ମୁଣ୍ଡୁଚିରା ଗାଁର ବାସିନ୍ଦା ହେଲେ ରୋଜାନ୍ ପାରାମ୍ବିଲ ଓ ସଥ୍ୟାନ୍। ସମ୍ପର୍କରେ ଦୁଇ ଭାଇ। ସେମାନେ ତାଙ୍କ ମା' ଇଲିକୁଟ୍ଟି ପଲ୍‌ଙ୍କୁ ଖୁବ୍ ଭଲ ପାଆନ୍ତି। ପାଠପଢା ପରେ ରୋଜାନ୍ ସୁଇଜରଲାଣ୍ଡରେ ରହି କାମ କରୁଥିଲେ। ଛୁଟିରେ ଯେବେ ବି ଘରକୁ ଆସୁଥିଲେ ମା' ଓ ଭାଇକୁ ନେଇ ନିକଟସ୍ଥ ବିଭିନ୍ନ ଜାଗା ବୁଲି ଯାଉଥିଲେ। ଖୁବ୍ ମଜା କରୁଥିଲେ ସେମାନେ। ମଝିରେ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ଯୋଗୁ ପ୍ରାୟ ୪/୫ ବର୍ଷ ପର୍ଯ୍ୟନ୍ତ ରୋଜାନ୍, ମା' ଭାଇଙ୍କ ପାଖକୁ ଆଉ ଆସିପାରିଲେନି। ଆଉ ତା'ରି ଭିତରେ ମା' ଇଲିକୁଟ୍ଟି ପୁଅ ରୋଜାନ୍ କଥା ଭାବି ଭାବି ଦୁଃଖରେ ଭାଙ୍ଗିପଡିଲେ। କ୍ରମେ ତାଙ୍କ ଦେହ ବି ଖରାପ ହୋଇଗଲା ଆଉ ବୟସାଧିକ ହେତୁ ସେ ଚଲାବୁଲା ମଧ୍ୟ କରିପାରଲେ ନାହିଁ। ପରେ ଯେତେବେଳେ ରୋଜାନ୍ ଘରକୁ ଫେରି ମା'ଙ୍କର ଏମିତି ଅବସ୍ଥା ଦେଖିଲେ ସେ ଦୁଃଖରେ ଭାଙ୍ଗିପଡିଲେ। ନିଜକୁ ଦୋଷୀ ଅନୁଭବ କଲେ। ପୁଣିଥରେ ମା' ମୁହଁରେ ହସ ଫୁଟାଇବାକୁ ସେ ପ୍ରସ୍ତୁତ ହେଲେ। ପ୍ରଥମେ ପ୍ରଥମେ ମା'ଙ୍କୁ ସଜବାଜ କରି କାନ୍ଧରେ ଟେକି ଟେକି ନେଇ କାର୍‌ରେ ବସାଇ ପାଖାପାଖି କିଛି ସ୍ଥାନ ବୁଲିବାକୁ ଗଲେ। ଭାଇକୁ ବି ସାଙ୍ଗରେ ନେଉଥିଲେ। ଦେଖିଲେ ମା'ଙ୍କ ଭିତରେ କିଛିଟା ସକାରାତ୍ମକ ପରିବର୍ତ୍ତନ ହେଉଛି। ବାସ୍ ତା'ପରଠୁ ଲଗାତର ମା'ଙ୍କୁ ନେଇ ବିଭିନ୍ନ ଜାଗା ବୁଲିବାକୁ ଗଲେ। ଦିନେ ଏମିତି ବସିଥିବା ଅବସ୍ଥାରେ ମା'ଙ୍କୁ ପଚାରିଲେ ତାଙ୍କର ଇଚ୍ଛା କ'ଣ ହେଉଛି। ମା' କହିଲେ, ତାଙ୍କର କୁଆଡ଼େ ବହୁତ ଦିନର ଇଚ୍ଛା ଅଛି, ମୁନ୍ନାରସ୍ଥିତ କଲ୍ଲିପ୍ପାରା ନୀଳକୁରୁଞ୍ଜି ପାହାଡ ଉପରେ ଫୁଟୁଥିବା ବିରଳ ବାଇଗଣୀ ରଙ୍ଗର ନୀଳକୁରୁଞ୍ଜି ଫୁଲର ଶୋଭାକୁ ନିଜ ଆଖିରେ ଦେଖିବା। ବାସ୍ ତା'ପରେ ଦିନେ ହଠାତ୍ ରୋଜାନ୍ ଓ ତାଙ୍କ ଭାଇ ମା'ଙ୍କୁ ଧରି କାର୍ ଯୋଗେ ସେହି ପାହାଡ ନିକଟରେ ପହଞ୍ଚିଗଲେ। କିନ୍ତୁ ସେଠାକୁ ଯାଇ ଜାଣିଲେ ପାହାଡ ଉପରକୁ ଗାଡି ଯିବା ପାଇଁ ସେମିତି କିଛି ରାସ୍ତାର ସୁବିଧା ନାହିଁ। ଲୋକଙ୍କୁ ଚାଲି ଚାଲି ଉପରକୁ ଯିବାକୁ ପଡିବ। ରୋଜାନ୍ ନିଷ୍ପତ୍ତି ନେଲେ ମା'ଙ୍କୁ କାନ୍ଧରେ ଟେକି ଟେକି ପାହାଡ ଉପରକୁ ନେବେ। ପ୍ରାୟ ଦେଢ କି.ମି ପର୍ଯ୍ୟନ୍ତ ରୋଜାନ୍ ମା'ଙ୍କୁ କାନ୍ଧେଇ କାନ୍ଧେଇ ଶେଷରେ ଯାଇ ପାହାଡ଼ ଶୀର୍ଷରେ ପହଞ୍ଚିଲେ।


ମା'ଙ୍କୁ କାନ୍ଧରେ ଟେକି ବୁଲାଇଲେ ରୋଜାନ୍

ପୁଅ ଏତେ କଷ୍ଟ କରୁଥିବାର ଦେଖି ସେଦିନ ମା' ଇଲିକୁଟ୍ଟି ଖୁବ୍ କାନ୍ଦିଥିଲେ। ହେଲେ ମା'ଙ୍କର ଇଚ୍ଛା ପୂରଣ କରିବାରେ ସକ୍ଷମ ହୋଇପାରିଥିବାରୁ ସେଦିନ ରୋଜାନ୍ କିନ୍ତୁ ବହୁତ ଖୁସି ହୋଇଥିଲେ। ତା'ପରେ ଦୁଇଭାଇ ମିଶି ମା'ଙ୍କ ସହ ସେଠାରେ କିଛି ସମୟ ବସି ନୀଳକୁରୁଞ୍ଜି ଫୁଲର ଅପୂର୍ବ ଶୋଭାକୁ ମନଭରି ଉପଭୋଗ କରିବା ସହ ଫଟୋ ମଧ୍ୟ ସୋସିଆଲ୍ ମିଡିଆରେ ଶେୟାର୍ କରିଥିଲେ। ବାସ୍ ତା'ପରେ ଏ ଘଟଣା ଚର୍ଚ୍ଚାର ପରିସରକୁ ଆସିଥିଲା।

କେବଳ ଏମାନେ ନୁହନ୍ତି, ଏ ଦୁନିଆରେ ଏମିତି ଅନେକ ସୁଯୋଗ୍ୟ ସନ୍ତାନସନ୍ତତି ଅଛନ୍ତି ଯେଉଁମାନେ ତାଙ୍କ ମା'ଙ୍କୁ ଭଲ ପାଇବା ସହ ତାଙ୍କର ଇଚ୍ଛା ଆକାଂକ୍ଷାକୁ ପୂରଣ କରିବାକୁ ଏମିତି କିଛି କାମ କରିଯାନ୍ତି ; ଯାହାକି ଅନ୍ୟମାନଙ୍କ କ୍ଷେତ୍ରରେ ବିରଳ।

–ଅନ୍ୱିତା ମିଶ୍ର



# ମା'

**-ଶିବାଶିଷ ପାଢ଼ି**

**ଗା**ଡ଼ିରୁ ନେଇ ଗୋଦାମରେ ରଖିବା ବାବଦକୁ ବସ୍ତା ପିଛା ପାଞ୍ଚଟଙ୍କା ହିସାବରେ ସର୍ବମୋଟ ତିନିଶହ ଟଙ୍କା ପାଇ ସାରିଥିଲା ଅଞ୍ଜନା। ଟଙ୍କା ହାତକୁ ଆସୁଆସୁ ସେ ଧାଇଁ ଯାଇଥିଲା ଛୁଆଟି ପାଖକୁ। ଲିମ୍ବଡାଳରେ ବନ୍ଧା ହୋଇଥିବା ଲୁଙ୍ଗିର ଦୋଳିରେ ଚୁପଚାପ ଶୋଇ ଯାଇଥିଲା ସାତମାସର ଛୁଆ। କିଛି ସମୟ ଆଗରୁ କାନ୍ଦୁଥିଲା ସେ ଆଉ ସେ ଲୁହର ଚିହ୍ନ ଏବେ ବି ଏକ ଶୁଖିଲା ନଈ ପରି ଏଯାଏଁ ଗାଲରେ ଥିଲା। ପ୍ରବଳ ଗରମ ହେଉଥିଲା ତଥାପି ନିଶ୍ଚିନ୍ତରେ ଶୋଇ ଯାଇଥିଲା ଛୁଆଟି। ତାକୁ ଦୋଳିରୁ ଟାଣି ଆଣି ନିଜ ଛାତିରେ ଲଗାଇଦେଲା ଅଞ୍ଜନା। ମା'ର ହାତ ଛୁଆଁ ପାଉପାଉ ବୋଧେ ପେଟର ଭୋକ ପୁଣିଥରେ ଜାଗି ଉଠିଥିଲା। ସେଇଥିପାଇଁ କାନ୍ଦି ଉଠୁଥିଲା ସେ। ହେଲେ ନିଦ ବାଉଳାରେ ବି ମା'ର ଛାତିକୁ ଠିକ ଚିହ୍ନିଯାଇଥିଲା ଯେମିତି। ଲାଗି ପଡିଲା ସେ। ତା'ର ମୁଣ୍ଡରେ ହାତ ଫେରି ଦେଉଥିଲା ଅଞ୍ଜନା। ବସି ପଡିଲା ସେଇ ଲିମ୍ବଗଛ ମୂଳେ। ଆଖିରୁ ଥପଥପ ହୋଇ ଖସି ପଡୁଥିଲା ଲୁହ। ଅନ୍ୟମାନେ ବି ଆସି ଥକ୍କା ମେଣ୍ଟାଉଥିଲେ। ସେମାନେ ବି ଦୁଃଖିତ ଥିଲେ ଅଞ୍ଜନା ପାଇଁ ହେଲେ ବୁଝେଇବା ପାଇଁ ଆଉ ଭାଷା ନ ଥିଲା ତାଙ୍କ ପାଖରେ। କେତେ ବା ବୁଝାଇବେ ? ବର୍ଷେ ହେଲା ତ ବୁଝେଇ ବୁଝେଇ ଥକି ଗଲେଣି ସେମାନେ। ରଘୁ ଯେଉଁ ଡ଼ଙ୍ଗାରେ ମାଛ ମାରିବାକୁ ଯାଇଥିଲା ତା'ର ପତ୍ତା ମିଳୁନାହିଁ ବୋଲି ଯେଉଁ ଦିନୁ ଗୋଆରୁ ଖବର ଆସିଲା ସେଦିନ ଠୁଁ ଅଞ୍ଜନାର ଏଇ ଅବସ୍ଥା। ଘରେ ବୁଢା ମା' ବାପ ତ ଏଇଠି ଅର୍ଦ୍ଧପାଗଳୀ ଶାଶୁ। ପେଟରେ ରଘୁର ଚିହ୍ନ। ପାଗଳ ପ୍ରାୟ ହୋଇ ଯାଇଥିଲା ଅଞ୍ଜନା। ଏଇମାନେ ହିଁ ତାକୁ ସାହସ ଦେଇଥିଲେ। ଆଜିର କାମ ସରିଯାଇଥିଲା। ମୁନସୀ କହିଥିଲା ଆଜି ଆଉ ଗାଡି ଆସିବ ନାହିଁ। ଏମାନେ ଯିବାପାଇଁ ପ୍ରସ୍ତୁତ ହେଉଥିଲେ କେବଳ ଅଞ୍ଜନା ପାଇଁ ଅପେକ୍ଷା କରିଥିଲେ। ଆଜିବି ଯାଇକି ଅଞ୍ଜନା ପାଖରେ ବସିଥିଲେ ତିନି ମାଉସୀ। କିଛି କହି ନଥିଲେ ହେଲେ ତାଙ୍କର ଆଖିର ଭାଷାକୁ ବୁଝୁଥିଲା ଅଞ୍ଜନା। ମାଉସୀ କେବଳ ତା'ର ମୁଣ୍ଡକୁ ଆଉଁସି ଦେଇଥିଲେ। ଠିକ୍ ସେତିକିବେଳେ ଲାଗିଥିଲା ଆଉ ଗୋଟିଏ ଡାଲିଗାଡି। ଧାଇଁ ଆସିଥିଲା ମୁନସୀ ସୁଧୀର। କହିଥିଲା-ବେଶି ନାହିଁ ଶହେବସ୍ତା ଅଛି। ତୁମେ ପାଞ୍ଚଜଣ ଅଛ ନାଁ କୋଡିଏ କୋଡିଏ ବସ୍ତା ପଡିବ। ତା'ପରେ ତିରିଶକିଲିଆ ବସ୍ତା। ଆଉ ଶହେ ଶହେ ହୋଇଯିବ ଯେ। ଖରା ବି ତ କମିଲାଣି। ସାଢେ ତିନିଟା ସମୟ ହେଉଥିଲା। ମୁଣ୍ଡ ଉପରେ ଅପ୍ରେଲ ମାସର ସୂର୍ଯ୍ୟ ଚମକୁଥିଲେ। ମୁଣ୍ଡ ଝାଇଁଝାଇଁ କରୁଥିଲା ଖରାରେ। ତଥାପି ସେମାନଙ୍କୁ ଏମିତି କହିଦେଇଥିଲା ସୁଧୀର। ଯଦିଓ ନିଜେ ଲିମ୍ବଗଛ ତଳେ ନହେଲେ ଗୋଦାମ ଭିତରେ ହିଁ ରହୁଥିଲା। ସବୁଦିନିଆ କାମ, ଏହି କାମରେ ହିଁ ପେଟ ଚାଲେ। ମୁନସୀର କଥା କାଟିବାକୁ ଯୁ ନଥିଲା। ଏମାନେ ଉଠୁଥିଲେ। ଅଞ୍ଜନାକୁ ଜମା ଛାଡୁ ନଥିଲା ଛୁଆଟା। ତାକୁ ଦୋଳିରେ ଦେଉଦେଉ କାନ୍ଦି ଉଠୁଥିଲା ଜୋରରେ। ତା'ର କାନ୍ଦ ଶୁଣି ଅଟକି ଯାଇଥିଲା ସୁଧୀର। କହିଥିଲା - ଛୁଆକୁ ଖରା କାଟୁଥିବ। ତୁମେ ବି ଛୁଆପିଲା ଲୋକ। ଦେଖ ଯଦି ପାରିବ ତ କର, ନହେଲେ ସେମାନେ କରିଦେବେ। କିନ୍ତୁ ସେତେବେଳକୁ ସେ ଧରିଥିବା ଗାମୁଛାକୁ ଗୋଲ କରି ମୁଣ୍ଡରେ ରଖି ସାରିଥିଲା ଅଞ୍ଜନା। କହିଥିଲା -ପେଟ ନିଆଁର ତାତି ଆଗରେ ଏ କି ତାତି ବାବୁ। ଆଗକୁ ବଢିଥିଲା ଅଞ୍ଜନା। ସେଇଠି ସେମିତି ଛିଡା ହୋଇଥିଲା ମୁନସୀ ସୁଧୀର। କାନ୍ଦି ଉଠୁଥିଲା ଛୁଆ କିନ୍ତୁ ସେତେବେଳକୁ ମୁଣ୍ଡରେ ବସ୍ତା ଉଠାଇ ସାରିଥିଲା ଅଞ୍ଜନା।

*-ହେମଗିରି, ସୁନ୍ଦରଗଡ଼*
*ମୋ: ୯୭୭୮୧୭୪୯୭୮*



# ମାଆ

**-ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ**

**ମା**ଆର ମମତା ସବୁଠୁ ନିଆରା
ମାଆ ପରି ହେବ କିଏ।
ବିପଦେ ଆପଦେ, ରୋଗ, ଶୋକ, ସଙ୍କଟେ
ମାଆ ଆଗେ ଠିଆ ହୁଏ।

ନାରୀଟି ଅବଳା, ହେଇଥିବ ପଛେ
ମାଆ ତ ଦୁର୍ବଳ ନୁହେଁ।
ଫୁଲଠୁ କୋମଳ,ସିନ୍ଧୁଠୁ ଗଭୀର,
ପଥର,ପଡ଼ିଲେ ସହେ।

ସନ୍ତାନ ପାଇଁକି ନିଆଁରେ ଚାଲଇ,
ଲୁହ କେବେ ଲହୁ, ଝରେ।
ଶତ ମରଣକୁ ଗଳାରେ ଲଗାଇ
ଦୁବକୁ ଦାରୁଟି କରେ।
ସଂସାରରେ ମାଆ ସାକ୍ଷାତ ଈଶ୍ୱରୀ
ତା' ପରି ହେବ କିଏ ?
ଦୁନିଆରେ ସିଏ ସବୁଠୁ ଦୁଃଖୀ,
ବୁଝିନି ମାଆକୁ ଯିଏ।
ପଶୁପକ୍ଷୀ, ନର, ନାରାୟଣ ପାଇଁ
ମାଆ ଅମୃତ ଏ ଧାମେ।
ମାଆର ଆଦର ପାଇବା ପାଇଁକି
ଠାକୁର ପରା ମର୍ତ୍ତେ ଜନ୍ମେ।

ଶୁଝି କେ ପାରିଛି ମାଆର ଋଣଟି
ଜନମ ନେଲେ ବି ଶହେ।
ହୀରା, ନିଳା, ମୋତି କି ମାଣିକ ମାଆର
ପଦପାଦକୁ ସରି ନୁହେଁ।
*-ନବରଙ୍ଗପୁର*
*ମୋ: ୮୩୨୮୯୪୨୭୦୪*

# ଆହତ ପ୍ରେମପକ୍ଷୀ

**-ଲିପ୍ସା ପଟେଲ**

**ଭ**ସା ବାଦଲ ଖଣ୍ଡେ ପ୍ରାୟ
ଆସିଥିଲା ମେଘଦୂତ ସାଜି
ସିଞ୍ଚିଦେଇଗଲା କିଛି ମୁହୂର୍ତ୍ତର
ପ୍ରେମ ବର୍ଷା।

ଯେତକ ଛୁଇଁଲା
ପ୍ରେମର ବର୍ଷାରେ
ସେତକ ହୋଇଗଲା ତା'ର.....
ବାକି ରହିଗଲା ଚାଖଣ୍ଡେ ଭୂଇଁ
ଜଳିବାକୁ ବିରହ ବହ୍ନିରେ।

ଶୂନଶାନ୍ ଶ୍ମଶାନର ରାସ୍ତାକୁ
ଆଙ୍କିଦେଇଗଲା ମାନଚିତ୍ରରେ
ଫେରିବାକୁ ନଥିଲା ତା'ର ସମୟ
ସଙ୍ଖୋଳି ନେବାକୁ ନଥିଲା
ମୋର ଯନ୍ତ୍ରଣା ଜର୍ଜରିତ ଅବୟବ।

ତଥାପି....
ଧସେଇ ପଶିଆସେ ସେ
ଦେହ ଓ ଦାହର ମିଛ ଖେଳରେ
ପ୍ରେମ ଓ ପ୍ରତାରଣାର ମିଛ ପ୍ରତ୍ୟୟରେ
ସ୍ୱପ୍ନ ସାଜି ବିଭୋର ବେଳାରେ।
*-ଭବାନୀପାଟଣା*
*ମୋ: ୯୪୩୯୪୦୦୩୪୮*



# ସିଏ ଆଧୁନିକ ନାରୀଙ୍କ ପାଇଁ ଦୃଷ୍ଟାନ୍ତ



**ଓଡ଼ିଶା ମାଟିର ସୁଯୋଗ୍ୟା ସନ୍ତାନ ସେ । ଜଣେ ପ୍ରତିଷ୍ଠିତ ଲେଖିକା ହେବା ସହ ରାଜନୀତିରେ ବି ସେ ଥିଲେ ବେଶ୍ ପାରଙ୍ଗମ। ଯାହା ତାଙ୍କୁ 'ଲୌହମାନବୀ' ବା 'ଆଇରନ୍ ଲେଡି'ର ପରିଚୟ ଦେଇଥିଲା । ସେ ହେଉଛନ୍ତି ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ । ତାଙ୍କ ଜୀବନର ପ୍ରତ୍ୟେକଟି ଫର୍ଦ୍ଦ ଥିଲା ବେଶ୍ ପ୍ରେରଣାଦାୟକ। ପ୍ରତ୍ୟେକ ନାରୀଙ୍କର ପ୍ରେରଣାର ଉତ୍ସ ପାଲଟିଥିବା ଏହି ବଳିଷ୍ଠ ବ୍ୟକ୍ତିତ୍ୱଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ ପଲ୍ଲବୀ ରେବାପ୍ରାଗଡ଼ା, ଯେକି ଏକାଧାରରେ ଜଣେ ସାମ୍ବାଦିକା, ପବ୍ଲିକ ପଲିସି କନସଲଟାଣ୍ଟ(ଦିଲ୍ଲୀ) ଓ ଲେଖିକା। ଇଣ୍ଡିଆ ଟୁଡେ ଗ୍ରୁପ୍‌ରେ ଫିଚର ରାଇଟର୍ ଭାବେ ପଲ୍ଲବୀଙ୍କର କ୍ୟାରିୟର ଆରମ୍ଭ ହୁଏ। ଆଉ ସେ ଲାଇଫ୍ ଓ କଲଚର୍ ଉପରେ ଲେଖନ୍ତି ଅନେକ ଫିଚର୍। ପରେ ସେ କାମ କରନ୍ତି ଫୋର୍ବସ୍ ମାଗାଜିନ୍ ଓ ଫର୍ଷ୍ଟପୋଷ୍ଟରେ। ସେତେବେଳେ ସେ ଦେଶର ଅର୍ଥନୀତି, ପ୍ରିଜନ ରିଫର୍ମ, ଭାରତର ଡ୍ରଗ୍ କ୍ରାଇସିସ୍ ଭଳି ମାନବୀୟ ବାସ୍ତବତା ଉପରେ ନାନା ରିପୋର୍ଟ କରନ୍ତି। ପରେ ସେ ଢଳନ୍ତି କାଳ୍ପନିକ ଦୁନିଆ ଆଡକୁ। ଆଉ ଲେଖି ବସନ୍ତି ଅନେକ ଗଳ୍ପ। ଏବେ ତାଙ୍କ ଲେଖନୀ ରାଜନୈତିକ ଇତିହାସ ରଚନାରେ ଚଳଚଞ୍ଚଳ ଏବଂ ସେ ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ତଥା ଆଇରନ୍ ଲେଡି ଭାବେ ପରିଚିତ ନନ୍ଦିନୀ ଶତପଥୀଙ୍କ ଜୀବନୀ ଉପରେ ଲେଖିଛନ୍ତି ପୁସ୍ତକ 'ନନ୍ଦିନୀ ଶତପଥୀ ଦ ଆଇରନ୍ ଲେଡି ଅଫ୍ ଓଡ଼ିଶା'। ପୁସ୍ତକକୁ ନେଇ ତାଙ୍କ ସହ କିଛି କଥା...**


---

**ପ୍ର–ଆପଣଙ୍କ ପ୍ରଥମ ପୁସ୍ତକ 'ଅପ୍ ଅନ୍ ଏ ବ୍ରାଇଟ୍ ରେଡ୍ ବେଞ୍ଚ' ଏକ କ୍ଷୁଦ୍ରଗଳ୍ପ ସଂକଳନ ଥିଲା। ତେବେ ପରବର୍ତ୍ତୀ ସମୟରେ କେଉଁ କଥା ଆପଣଙ୍କୁ ରାଜନୈତିକ ଇତିହାସ ରଚନା କରିବା ଲାଗି ପ୍ରେରଣା ଦେଇଥିଲା?**

**ଉତ୍ତର–** 'ଅପ୍ ଅନ୍ ଏ ବ୍ରାଇଟ୍ ରେଡ୍ ବେଞ୍ଚ' ଥିଲା କ୍ଷୁଦ୍ରଗଳ୍ପ ଥିବା ମୋର ଏକ ପ୍ୟାସନ ପ୍ରୋଜେକ୍ଟ, ଯାହାକୁ କି ମୁଁ ବେଶ୍ କିଛି ବର୍ଷର ଫ୍ୟାଶନଜଗତ ଓ ବ୍ୟବସାୟ ସମ୍ବନ୍ଧିତ ଫିଚର ରାଇଟିଂ ପରେ ଆରମ୍ଭ କରିଥିଲି। ସାମ୍ବାଦିକତା କ୍ଷେତ୍ରରେ ମୋର ଅଭିଜ୍ଞତା ଓ ଦକ୍ଷତା ବଢ଼ିବା ସହ ମୁଁ ଧୀରେ ଧୀରେ ସାମାଜିକ ଓ ରାଜନୈତିକ ବାସ୍ତବତାକୁ ନେଇ ରିପୋର୍ଟିଂ କରିବା ସହ ଲେଖିବା ଆରମ୍ଭ କଲି। ଆଉ ଏହି ସମୟରେ ହିଁ ମୁଁ ନନ୍ଦିନୀ ଶତପଥୀଙ୍କ ଜୀବନ କାହାଣୀକୁ ଦସ୍ତାବିଜର ରୂପ ଦେବାର ଆବଶ୍ୟକତାକୁ ଅନୁଭବ କଲି। ଫିକ୍ସନ ବା କାଳ୍ପନିକ କଥାବସ୍ତୁରେ ପାଗଳପଣ ଭରିରହିଥାଏ ଓ ଏହା ଭିନ୍ନ ଏକ ସ୍ୱାଦର ହୋଇଥାଏ । ହେଲେ ନନ୍‌ଫିକ୍ସନ ଗହନ ଗବେଷଣା ଉପରେ ଆଧାରିତ, ଯାହାର ଆବଶ୍ୟକତା ଏଭଳି ମହାନ୍ କାହାଣୀଗୁଡ଼ିକୁ ଲୋକଲୋଚନକୁ ଆଣିବା ପାଇଁ ପଡ଼ିଥାଏ।


**ପ୍ର– ଏହି ପୁସ୍ତକ ଲେଖିବା ଓ ନନ୍ଦିନୀ ଶତପଥୀଙ୍କ ଜୀବନ କାହାଣୀ ଉପରେ ଗବେଷଣା ବେଳର ଅନୁଭୂତି କେମିତି ଥିଲା?**

**ଉତ୍ତର–** ଅନୁଭୂତି ବେଶ୍ ରୋମାଞ୍ଚକର ଥିଲା। ମୁଁ ଇତିହାସର ସେଇ ଗହନ କଥାଗୁଡ଼ିକୁ ଉନ୍ମୋଚନ କରିପାରିଲି ଯାହା ଅଭିଲେଖାଗାରରେ ଲୁଚି ରହିଯାଇଥିଲା। ନନ୍ଦିନୀ ଶତପଥୀ ତାଙ୍କ ଜୀବନକାଳ ମଧ୍ୟରେ ଯାହାସବୁ କରିଯାଇଛନ୍ତି ସେ ସମ୍ପର୍କରେ ଅନେକେ ଅବଗତ ନାହାନ୍ତି କି ସେ ସମ୍ପର୍କିତ ବିଶେଷ କିଛି ତଥ୍ୟ ସଂଗ୍ରହ କରି ରଖାଯାଇ ନାହିଁ। ଏମିତିକି ପ୍ରଥମେ ଯେବେ ମୁଁ ତାଙ୍କ ସମ୍ପର୍କରେ ଗୁଗଲରେ ସର୍ଚ୍ଚ କରିଥିଲି ବିଶେଷ କିଛି ତଥ୍ୟ ପାଇ ନ ଥିଲି। ଏହି କଥା ମୋତେ ଗଭୀରଭାବେ ପ୍ରଭାବିତ କରିଥିଲା। ତେବେ ମୁଁ ଧନ୍ୟବାଦ ଦେବି ମୋ ସାଙ୍ଗ ରୋଶନ ଶଙ୍କରଙ୍କୁ ଯେକି ପ୍ରିନ୍ସଟନ ଲାଇବ୍ରେରିରୁ ୧୯୭୦ରେ ନନ୍ଦିନୀ ଶତପଥୀଙ୍କ ଉପରେ ପ୍ରକାଶ ପାଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ରିପୋର୍ଟ ମୋତେ ପ୍ରଦାନ କରିଥିଲେ। ଅନେକେ ହୁଏତ ଜାଣି ନ ଥିବେ ଯେ ୧୯୭୧ ମସିହା ଯୁଦ୍ଧରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥିବା ଏହି ମହୀୟସୀ ମହିଳା ଭଗ୍ ପ୍ୟାରିସ୍ ମାଗାଜିନ୍‌ରେ ବି ସ୍ଥାନ ପାଇଥିଲେ। କାରଣ ବଲିଉଡ ସେଲିବ୍ରିଟିଙ୍କ ସହ ସେ ଭଲ ସମ୍ପର୍କରେ ଥିଲେ। ତା'ସହ ସେ ହିଁ ଭାରତର ଲ୍ୟାଣ୍ଡ ରିଫର୍ମ ପଲିସି ବା ଭୂ-ସଂସ୍କାର ନୀତିକୁ ସଂଜ୍ଞାକୃତ କରିଥିଲେ।




**ପ୍ର– ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଉପରେ ପୁସ୍ତକ ରଚନା ସହ ରାଜ୍ୟର ବିଭିନ୍ନ ସାହିତ୍ୟ ମହୋତ୍ସବ ଯେମିତିକି କଳିଙ୍ଗ ଲିଟେରାରି ଫେଷ୍ଟିଭାଲରେ ବି ଆପଣ ଯୋଗ ଦେଇଛନ୍ତି। ଓଡ଼ିଶା ସହ ଆପଣଙ୍କର ଏହି ସମ୍ବନ୍ଧ ଏକ ସଂଯୋଗ ନା ଆଉ କିଛି?**

**ଉତ୍ତର–** ମୋ ଜାତୀୟତା ତଥା ଜନ୍ମ ଆନ୍ଧ୍ରପ୍ରଦେଶରେ ହୋଇଥିଲେ ହେଁ ମୁଁ ନିଜକୁ ଓଡ଼ିଶାର ଝିଅ ବୋଲି ମନେକରେ। ୨୦୧୯ରେ ମୁଁ ଯେତେବେଳେ ଭାଗବତ ନନ୍ଦ ନାମକ ଜଣେ ଭଦ୍ରବ୍ୟକ୍ତିଙ୍କୁ ଭେଟିବା ପାଇଁ ପ୍ରଥମେ ସମ୍ବଲପୁର ଯାଇଥିଲି ସେତେବେଳେ ହିଁ ଏହି ପୁସ୍ତକ ଲେଖିବାର ଯୋଜନା କରିଥିଲି। ନନ୍ଦିନୀ ଶତପଥୀ ମୁଖ୍ୟମନ୍ତ୍ରୀ ଥିବାବେଳେ ଏହି ଭଦ୍ରବ୍ୟକ୍ତି ତାଙ୍କର ରାଜନୈତିକ ସଚିବ ଥିଲେ। ତାଙ୍କଠାରୁ ମୁଁ ନନ୍ଦିନୀ ଶତପଥୀଙ୍କ ସମ୍ପର୍କରେ ଅନେକ କିଛି ଜାଣିବାକୁ ପାଇଲି। ଯେତେ ଅଧିକ ମୁଁ ତାଙ୍କ ସମ୍ପର୍କରେ ଜାଣିଲି ତାଙ୍କ ଉପରେ ପୁସ୍ତକ ରଚନା କରିବାର ମୋର ଇଚ୍ଛା ଓ ଉତ୍କଣ୍ଠା ସେତେ ବଢ଼ିଲା। ସେହି ସମୟରେ କେଏଲ୍‌ଏଫ୍(କଳିଙ୍ଗ ଲିଟେରାରି ଫେଷ୍ଟିଭାଲ)ର ରଶ୍ମିରଞ୍ଜନ ମଧ ମୋ ସହ ଯୋଗ ଦେବାକୁ ଆଗେଇ ଆସିଥିଲେ। ସମସ୍ତଙ୍କ ସାହାଯ୍ୟ ସହଯୋଗରେ ହିଁ ଓଡ଼ିଶାର ଏହି ରତ୍ନଙ୍କ ଉପରେ ପୁସ୍ତକ ରଚନା କରିପାରିଲି। ଆଉ ଓଡ଼ିଶା ସହ ମୋର ସମ୍ପର୍କ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଗଢ଼ିଉଠିଛି। ଏହି ପୁସ୍ତକକୁ ବି ମୁଁ ମହାପ୍ରଭୁଙ୍କୁ ସମର୍ପଣ କରିଛି।



**ପ୍ର–ନନ୍ଦିନୀ ଶତପଥୀଙ୍କର କେଉଁ କଥା ଆପଣଙ୍କୁ ପ୍ରେରଣା ଯୋଗାଏ?**

**ଉତ୍ତର:** ମୋ ପୁଅ ତିନି ମାସର ହୋଇଥିବାବେଳେ ମୁଁ ଏହି ବହି ଲେଖିବା ଆରମ୍ଭ କରିଥିଲି। ସେତେବେଳେ ମୁଁ ନା ଦିନରେ ନା ରାତିରେ ଶୋଇପାରୁଥିଲି। ତା'ସହ ସେତେବେଳେ ମୁଁ ମହାମାରୀ ନିୟନ୍ତ୍ରଣ ଲାଗି ଜଣେ ପରାମର୍ଶଦାତାଭାବେ ସ୍ୱାସ୍ଥ୍ୟ ବିଭାଗ ସହ କାମ କରୁଥିଲି। ଏମିତି ପରିସ୍ଥିତିରେ ବି ଏହା କରିପାରିଲି କାରଣ ମୁଁ ଏଭଳି ଜଣେ ମହିଳାଙ୍କ ସମ୍ପର୍କରେ ଦସ୍ତାବିଜ ତିଆରି କରୁଥିଲି, ଯେ କି ଆଧୁନିକ ନାରୀଙ୍କ ପାଇଁ ଜଣେ ଦୃଷ୍ଟାନ୍ତ। ସେ ରାଜନୀତିରେ ଯେମିତି ସହଜ ଥିଲେ ସେମିତି ଖୁବ୍ ଆଗ୍ରହର ସହକାରେ ସାଧାରଣଲୋକଙ୍କ ଅଧିକାର ପାଇଁ କାମ କରୁଥିଲେ। ରାଜନୀତିରେ ତାଙ୍କର ନୀତି ତାଙ୍କୁ ଶୀର୍ଷକୁ ନେବା ସହ ଚିରସ୍ମରଣୀୟ କରାଇଛି। ରାଜନୈତିକ ଜୀବନର ଖାଲଢ଼ିପ ରାସ୍ତାକୁ ସେ ବେଶ୍ ଦୃଢ଼ତା ଓ ଆତ୍ମବିଶ୍ୱାସର ସହ ଅତିକ୍ରମ କରିଛନ୍ତି। ଫଳରେ ସେ ଆଗକୁ ବଢ଼ିବାର ସ୍ୱପ୍ନ ଦେଖୁଥିବା ପ୍ରତ୍ୟେକ ମହିଳାଙ୍କର ପ୍ରେରଣା ପାଲଟିଛନ୍ତି।

**ପ୍ର–ଶେଷରେ ଆପଣଙ୍କୁ ଗୋଟିଏ ପ୍ରଶ୍ନ, ଆପଣ ଲେଖିକା ନ ହୋଇଥିଲେ କ'ଣ ହୋଇଥାନ୍ତେ?**

**ଉତ୍ତର–** ରାଜନୀତି ଓ ଭାରତର ନିର୍ବାଚନ ପ୍ରକ୍ରିୟା ସହ ଜଡ଼ିତ ରହିବାକୁ ମତେ ଭଲ ଲାଗେ। ମୋ ମତରେ ଯାହାକୁ ଆମେ ଭୁଲ୍ ବୋଲି ଭାବୁ କିମ୍ବା ଯାହା ଆହୁରି ଭଲ ହୋଇପାରିବ ବୋଲି ଚିନ୍ତାକରୁ ତାହା କେବଳ ରାଜନୀତି ଦ୍ୱାରା ହିଁ ସମ୍ଭବ।

**–ଶିବାନୀ ମହାନ୍ତି**

# କେବଳ ଟେନସନ

ଅନନ୍ୟା ପାଣ୍ଡେଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା । କାରଣ ଶୁଟିଂ ଚାଲିଥିବା ଏକ ଅନଟାଇଟଲଡ୍ ଫିଲ୍ମରେ ତାଙ୍କୁ ଦର୍ଶକ ନୂଆ ଅବତାରରେ ଦେଖିବାକୁ ପାଇବେ । କେବଳ ସେତିକି ନୁହେଁ, ଏହି ଫିଲ୍ମରେ ସେ କେତୋଟି ବୋଲ୍ଡ ଶଟ୍ ବି ଦେଇଛନ୍ତି । ଆଉ ତାକୁ ନେଇ ଏବେ ଆଲୋଚନା ଜୋର୍ ଧରିଛି । ଏ ସମ୍ପର୍କରେ ଅନନ୍ୟା କହନ୍ତି, 'ମୋର ଏଭଳି ଶଟ୍‌କୁ ନେଇ କାହିଁକି ଏତେ ଆଲୋଚନା ହେଉଛି ତାହା ମୁଁ ଜାଣିପାରୁନାହିଁ । ଏଥିରେ ମୁଁ କିଛି ମୋ ମନ ମୁତାବକ କରିନାହିଁ । କାହାଣୀ ଅନୁସାରେ ଯାହା ସିକୁଏନ୍ସ ଅଛି ତାହାକୁ ନେଇ ଶୁଟିଂ କରାଯାଇଛି । କାହାଣୀର ଡିମାଣ୍ଡ ଅନୁସାରେ ଏଥିରେ ମୋର ବୋଲ୍ଡ ଶଟ୍ ରହିଛି । ଏହାକୁ ନେଇ ଅଯଥା ଆଲୋଚନା ହେଉଛି । ଏଭଳି ଶଟ୍ ଅଯଥାରେ ଦେଇ ମୁଁ ଚର୍ଚ୍ଚିତ ହେବାକୁ ଚାହେଁନା । ତେବେ ଏହି ଫିଲ୍ମରେ ଦର୍ଶକ ମୋତେ ଏକ ନୂଆ ଗେଟଅପରେ ଦେଖିବାକୁ ପାଇବେ ।'



ଅନନ୍ୟା

# ପାଖେଇ ଆସୁଛି ଦିନ

ଚନ୍ଦନ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ନୂଆ ଓଡ଼ିଆ ସିନେମା 'ହିଟ୍‌ଲର' ଚଳିତ ବର୍ଷ ଜୁନ୍‌ରେ ପରଦା ଉପରକୁ ଆସିବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ଫିଲ୍ମଟିର କାହାଣୀରେ ଆକ୍ସନ ଏବଂ ଫ୍ୟାମିଲି ଡ୍ରାମା ଭରି ରହିଛି । ଚିତ୍ରର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଦୀପକ । ଡ. ପ୍ରକାଶ ଶ୍ରୀଚନ୍ଦନଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ସୁଧାକର ବସନ୍ତ । ଦିଲ୍ଲୀପ ଶ୍ରୀଚନ୍ଦନଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ରାଉଳ । ଏଥିରେ ଦୀପକଙ୍କ ବ୍ୟତୀତ ଅର୍ଲିନ, ଅଙ୍କିତା, ସୁକାନ୍ତ ପାତ୍ର, ହରିହର ମହାପାତ୍ର, ଦିବ୍ୟା, ସିଆ, ରାଜଶ୍ରୀ, ଦୁର୍ଗା, ପଲଶ କୁମାର, ମଧୁସୂଦନ ରାଓଙ୍କୁ ମଧ୍ୟ ଦେଖିବାକୁ ମିଳିବ । ଫିଲ୍ମରେ ସଂଯୋଜିତ ତଥା ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର । ''ଆମ ବ୍ୟାନରରେ ଆମେ ସବୁବେଳେ କାହାଣୀ ଏବଂ ତା'ସହ କଳାକାର ଚୟନକୁ ଗୁରୁତ୍ୱ ଦେଉ । ତା'ସହ ଫିଲ୍ମର ସଂଳାପ, ସଙ୍ଗୀତ ଏବଂ ଉପସ୍ଥାପନା ଦିଗ ପ୍ରତି ମଧ୍ୟ ଶତ ପ୍ରତିଶତ ଦୃଷ୍ଟି ଦିଆଯାଏ । ଏହି ଫିଲ୍ମର କାହାଣୀ ବେଶ୍ ଦମଦାର ଏବଂ ତାହା ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି ବୋଲି କହନ୍ତି ପ୍ରଯୋଜକ ।''



'ହିଟଲର' ଫିଲ୍ମରେ ଦୀପକ-ଅର୍ଲିନ

# ସାରାଙ୍କ ଖୁସି



ସାରା ଅଲ୍ଲୀ ଖାଁ ଏବେ ଚାରିଆଡ଼େ ଖିଲାଡ଼ି ମାଷ୍ଟର ଅକ୍ଷୟ କୁମାରଙ୍କ ପ୍ରଶଂସା କରିବୁଲୁଛନ୍ତି । ଏହା ପଛରେ ସେପରି କାରଣ ମଧ୍ୟ ରହିଛି । ଗୋଟିଏ ପଟେ ଅକ୍ଷୟ ଅଭିନୟ କରିବାକୁ ଯାଉଥିବା ନୂଆ ସିନେମାର ସେ ନାୟିକା ସାଜିବାର ଯୋଜନା ରହିଛି । ଏ ନେଇ ସାରାଙ୍କୁ ଅଫର ଦିଆଯାଇଛି, ହେଲେ ସେ ସମ୍ପର୍କରେ ନିଷ୍ପତ୍ତି ନେବାକୁ ସୈଫ ତନୟା କିଛି ସପ୍ତାହର ସମୟ ନେଇଛନ୍ତି । ଏ ନେଇ ସାରା କହନ୍ତି, ''ଅକ୍ଷୟ କୁମାରଙ୍କ ପରି ଅଭିନେତାଙ୍କ ସହ କାମ କରିବାର ମଜା ନିଆରା । ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ ପାଇଁ ଏକ ଚ୍ୟାଲେଞ୍ଜ ବୋଲି କହିବି । ତେଣୁ ଏ ବିଷୟରେ ନିଷ୍ପତ୍ତି ନେବାକୁ ମୁଁ କିଛି ଦିନ ସମୟ ନେଇଛି । ସେପଟେ ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ ଏବଂ ପ୍ରାରମ୍ଭିକ କାମ ଚାଲିଛି । ମୋତେ ଯେଉଁ ରୋଲ୍ ମିଳୁ ନା କାହିଁକି, ତାହା ବଡ଼ ହୋଇଥାଉ କି ଛୋଟ-ସବୁ ଭୂମିକାକୁ ମୁଁ ଗୁରୁତ୍ୱର ସହ ନେଇଥାଏ । ଅକ୍ଷୟଙ୍କ ନିକଟରୁ ଆକ୍ଟିଂ ବିଷୟରେ ଅନେକ କିଛି ଶିଖିବାର ଅଛି । ତାଙ୍କର ପଙ୍କ୍‌ଚୁଆଲିଟି ମୋତେ ସବୁଠାରୁ ବେଶୀ ପ୍ରଭାବିତ କରେ । ଏହାବ୍ୟତୀତ ତାଙ୍କର ଡେଲି ରୁଟିନ୍ ଲାଇଫକୁ ମୁଁ ଫଲୋ କରିବାକୁ ଚେଷ୍ଟା କରୁଛି ।'' ଏହି ଫିଲ୍ମ ବ୍ୟତୀତ ଲକ୍ଷ୍ମଣ ଉତେକରଙ୍କ ଏକ ଅନ୍‌ଟାଇଟଲ୍‌ଡ ପ୍ରୋଜେକ୍ଟରେ ବି ସାରା ଅଭିନୟ କରିବାକୁ ଯାଉଛନ୍ତି ।

# ମନ ବଳାଇଛନ୍ତି ରଶ୍ମିକା

ରଶ୍ମିକା ମନ୍ଦାନା ଆକ୍ସନ ସିନେମାରେ ଅଭିନୟ କରିବାକୁ ମନ ବଳାଇଛନ୍ତି । ନିଜେ ସିନା ଏ ନେଇ ଆଗ୍ରହ ପ୍ରକାଶ କରିଛନ୍ତି, ହେଲେ ସେଭଳି ସୁଯୋଗ ମିଳିବା ହେଉଛି ବଡ କଥା । କିନ୍ତୁ ଏମିତି କ'ଣ ହେଲା ଯେ ସେ ଏଭଳି ଫିଲ୍ମରେ ଆକ୍ଟିଂ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ? ଏ ନେଇ ରଶ୍ମିକା କହନ୍ତି, 'କୋଭିଡ ଭିତରେ ମୁଁ ଅନେକ ଆକ୍ସନଭିତ୍ତିକ ହଲିଉଡ୍ ଫିଲ୍ମ ଦେଖିଥିଲି । ଅସଲ କଥା ହେଲା, ଆକ୍ଟିଂ ଲାଇନ୍‌ରେ ପ୍ରବେଶ କରିବା ପୂର୍ବରୁ ମୋର ଏଭଳି ଫିଲ୍ମ ପ୍ରତି ଦୁର୍ବଳତା ଥିଲା । ଆଉ ଏବେ ସେପରି ଚିତ୍ରରେ ଅଭିନୟ କରିବାକୁ ଆଶା ରଖିଛି । କେବଳ ସେତିକି ନୁହେଁ, ଭଲ ଭଲ କେତୋଟି ଆକ୍ସନଭିତ୍ତିକ କାହାଣୀ ମଧ୍ୟ ସିଲେକ୍ସନ କରିଛି । ହେଲେ ତାହାକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ପ୍ରଯୋଜକ ଯଦି ରାଜି ହୁଅନ୍ତି ତେବେ ମୋର ଆଶା ପୂରଣ ହେବ ।' ତେବେ ରଶ୍ମିକାଙ୍କୁ ଆକ୍ସନ ରୋଲ୍‌ରେ ଦର୍ଶକ କେବେ ଦେଖିବେ ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡିବ ।

# ସ୍ପେଶାଲ ପ୍ରସ୍ତୁତି

ଆଲିୟା ଭଟ୍ଟ ଏବେ ପାଠ ପଢ଼ାଇବେ । ଏହାର ଅର୍ଥ ନୁହେଁ ଯେ, ସେ ଆକ୍ଟିଂକୁ ଗୁଡ୍‌ବାୟ କରି ଶିକ୍ଷକତା ଲାଇନ୍‌କୁ ଚଏସ କରିଛନ୍ତି । ଅସଲ କଥା ହେଲା ଖୁବ୍‌ଶୀଘ୍ର ସେ ବଡ଼ ପରଦାରେ ଶିକ୍ଷୟିତ୍ରୀ ଭୂମିକାରେ ଦେଖାଦେବେ । ଏ ନେଇ ଏବେଠାରୁ ସେ ପ୍ରସ୍ତୁତି ଆରମ୍ଭ କରିଦେଲେଣି । ଏଭଳି ଭୂମିକା ସମ୍ପର୍କରେ ସେ କହନ୍ତି, 'ଜଣେ ଶିକ୍ଷୟିତ୍ରୀ କେତେ କଷ୍ଟ ସ୍ୱୀକାର କରି ନିଜ ପରିବାରକୁ ଚଳାଉଛି ପୁଣି ତା' ଚଲାପଥରେ କେତେ ବାଧାବିଘ୍ନ ଆସୁଛି ତାହାକୁ ଆଧାର କରି କାହାଣୀ ଆଗେଇଛି । ଏଭଳି ଭୂମିକା ପାଇଁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲିଣି । କେବଳ ସେତିକି ନୁହେଁ, କେତେଜଣ ସ୍କୁଲ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରି ପାଠପଢ଼ାଇବାର ତରିକା ମଧ୍ୟ ଶିଖୁଛି । ଆଶା ରଖିଛି ମୋର ଏହି ଭୂମିକାକୁ ଦର୍ଶକ ପସନ୍ଦ କରିବେ ।' ଅନ୍ୟପକ୍ଷରେ କରନ୍ ଜୋହରଙ୍କ ଆଗାମୀ ଫିଲ୍ମରେ ସେ ଅଭିନୟ କରିବାର ଯୋଜନା ରହିଛି ।



ଆଲିଆ

# ପ୍ରଥମେ ଶାହରୁଖ ପରେ ଅନୀଲ

ଥରେ ମନେ ପକାନ୍ତୁ ନା ବିଧୁ ବିନୋଦ ଚୋପ୍ରାଙ୍କ '୧୯୪୨-ଏ ଲଭ୍ ଷ୍ଟୋରି'କୁ । ଅନୀଲ କପୁରକ, ମନୀଷା କୋଇରାଲା ଏବଂ ଜ୍ୟାକି ଶ୍ରଫଙ୍କ ଅଭିନୀତ ଏହି ଫିଲ୍ମଟି ବେଶ୍ ଦର୍ଶକାଦୃତ ହୋଇଥିଲା । ତେବେ ଏହାର କାଷ୍ଟିଂ ସମୟରେ ଏକ ମଜାଦାର ଘଟଣା ଘଟିଥିଲା । ଏହାର ନାୟକ ଭୂମିକାରେ କାହାକୁ ଚୟନ କରିବେ ସେ ନେଇ ବିଧୁ ଟିକେ ଅଡୁଆରେ ପଡିଥିଲେ । ଏହି ସମୟରେ ଶାହରୁଖ ଖାଁଙ୍କ କଥା ତାଙ୍କ ମନକୁ ଆସିଥିଲା । ତା'ପରେ ତାଙ୍କ ସହ ଯୋଗାଯୋଗ କରାଯାଇଥିଲା । ହେଲେ କେତେକ କାରଣରୁ ଶାହରୁଖ ଏହି ପ୍ରପୋଜାଲକୁ ଗ୍ରହଣ କରି ନ ଥିଲେ । ଏ ନେଇ ଶାହରୁଖ କହନ୍ତି, 'ଯେତେବେଳେ ମୁଁ ଏହାର କାହାଣୀ ଶୁଣିଲି ଏବଂ ମୋ ଭୂମିକା ବିଷୟରେ ଅବଗତ ହେଲି ସେତେବେଳେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା । ହେଲେ କେତେକ ବ୍ୟକ୍ତିଗତ କାରଣରୁ ମୁଁ ଅଫରଟିକୁ ଗ୍ରହଣ କରିପାରି ନ ଥିଲି । ଏଭଳି ଭୂମିକାକୁ ମୁଁ ଶତ ପ୍ରତିଶତ ଜଷ୍ଟିସ ଦେଇପାରିଥାଆନ୍ତି ବୋଲି ମୋର ବିଶ୍ୱାସ ଥିଲା । ହେଲେ କ'ଣ କରିବି, ଉପାୟଶୂନ୍ୟ ଭାବରେ ମୋତେ ଏହାକୁ ହାତଛଡା କରିବାକୁ ପଡିଲା ।' ଶାହରୁଖ ମନା କରିବା ପରେ ଏହି ରୋଲ୍ ପାଇଁ ଅନୀଲ କପୁରଙ୍କୁ ଯୋଗାଯୋଗ କରାଗଲା ଏବଂ ସେ ଅଭିନୟ କରିବାକୁ ରାଜି ହୋଇଥିଲେ । ୧୯୯୪ ମସିହା ଜୁଲାଇ ୧୫ରେ ରିଲିଜ ହୋଇଥିବା ଏହି ଫିଲ୍ମଟି ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା ।



ଶାହରୁଖ



ରଶ୍ମିକା

# ଏକାଥରେ ପାଇଲି ସାତ ମାସର ଦରମା

## ପ୍ରଥମ ରୋଜଗାର



ସାହିତ୍ୟିକା ଜ୍ୟୋସ୍ନାରାଣୀ ଭୋଇ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ମୁଁ ଶ୍ରେଣୀରେ କ୍ଲାସ ନେଉଥାଏ ,ପ୍ରଧାନ ଶିକ୍ଷକ ଆସି କହିଲେ ଦରମା ଆଣିବା ପାଇଁ ଯିବେନି କି ? ମୁଁ ଏ ବିଷୟରେ ଅଜ୍ଞ ଥାଏ କି ସେ ଦିନ ଆମର ଦରମା ମିଳିବାର ଅଛି। ଚାକିରିର ପ୍ରଥମ ସାତ ମାସ ମିଳି ନଥିବାରୁ ସବୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗୋଟେ ମସ୍ତ ବଡ଼ ଅପେକ୍ଷା ଥାଏ ଦରମାର। ଆମେ ଯେଉଁମାନେ ନିୟମିତ ବସ୍‌ରେ ଯାଉଥିଲୁ ଅନ୍ୟମାନେ ଆମକୁ ଥଟ୍ଟା କରି କହୁଥିଲେ ବିନା ଦରମାରେ ଚାକିରି କାହିଁକି କରିବ ? ହଠାତ୍ ଦରମା କଥା ଶୁଣି ଚମକି ପଡ଼ିଲି। ସେତେବେଳେ ଦରମା ପାଇଁ ବ୍ଲକକୁ ଯିବାକୁ ପଡ଼େ। ବହୁତ ଭିଡ଼ ଭିତରେ ମୋ ପାଳି ଆସିଲା। ସାତ ମାସର ଦରମା ଏକା ସାଙ୍ଗରେ ଆଣିଲି, ଶେଷ ବସ୍‌କୁ ଅନୁରୋଧ କରି ଅଟକାଇ ରଖିଥାନ୍ତି ସବୁ ଶିକ୍ଷକ ଶିକ୍ଷୟିତ୍ରୀ। ସିଟ୍ ପାଇଁ ଝରକା ଦେଇ ବ୍ୟାଗଟା ରଖିଦେଲି ସାଇଡ଼ରୁ, କିନ୍ତୁ ଚଢି ପାରୁନଥାଏ ବସ୍ ଉପରକୁ। ମତେ ସମସ୍ତେ ଗାଳି କଲେ ପଇସା ବ୍ୟାଗ୍ ବସ୍ ଭିତରେ ତୁ ଅଛୁ ବସ୍ ତଳେ, ତୋର ଯାହା ବୁଦ୍ଧି। ଭାବିଲି ଏତେ ଭିଡରେ କେହି ଯଦି ଉଠେଇ ନିଏ କାହାକୁ ଦୋଷ ଦେଇପାରିବିନି। ବହୁତ କଷ୍ଟରେ ବସ୍ ଉପରକୁ ଉଠିଲା ପରେ ଦେଖିଲି ବ୍ୟାଗ ସହ ଦରମା ଅଛି! ସେତେବେଳେ ହିଁ ଦରମାର ଖୁସିକୁ ବେଶୀ ଅନୁଭବ କଲି। ଘରକୁ ଆସିଲି ମା' କହିଲା ଆଜି ଏତେ ଡେରି କଲୁ। ମୁଁ ନିରବ ରହିଲି। ଆମ ବେଡ଼ରୁମକୁ ଗଲି, ଦେଖିଲି ମୋ ତଳ ଭାଇ ପାଖ ରୁମ୍‌ରେ ପଢୁଛି, ତା ସାମ୍ନାରେ ସବୁ ପଇସା ଅଜାଡ଼ି ଦେଲି, ଭାଇ କହିଲା ଏତେ ନକଲି ଟଙ୍କା କୋଉଠୁ ଆଣିଲୁ ? ମୁଁ କହିଲି ଅସଲି। ସେ ବିଶ୍ୱାସ ନ କରିବାରୁ ଦରମା ମିଳିଛି ବୋଲି କହିଲି। ବାପାମା' ବସିଥାନ୍ତି ମୁଁ ସବୁ ପଇସା ଆଣି ତାଙ୍କୁ ଦେଇଦେଲି। ଖୁସିହେଲେ ସମସ୍ତେ। ମୁଁ କେବଳ ସେ ପଇସାରୁ ପାଞ୍ଚଟା ଦଶ ଟଙ୍କିଆ ନୋଟ୍ ଆଣି ତାକୁ ଲାମିନେସନ କରି ରଖିଲି। ସେ ଦିନର ଖୁସି ମୋ ପାଇଁ ଅନନ୍ୟ ଥିଲା ସତ କିନ୍ତୁ ଚାକିରୀ କରିବାକୁ ମୋର ପ୍ରଥମରୁ ଇଚ୍ଛା ନଥିଲା। ବାପାଙ୍କ ଯୋଗୁଁ ହିଁ ମୁଁ ଚାକିରୀ କଲି। ମୋ ପ୍ରଥମ ସ୍କୁଲ ୨୫ କି.ମି ଦୂରରେ ଥିଲା। ମା'ର ସ୍କୁଲ ଅଧା କି.ମି ଦୂର ବି ନଥିଲା। ମୁଁ ତା'ସହ ବାଦ କରେ, ଲେସନ ନୋଟ୍ ଲେଖିବାକୁ ପଡ଼େ, ମୁଁ ମା'କୁ କହେ ତୁ ଲେଖିଦେବୁ। ସେ ମୋ ପାଇଁ ଲେଖେ। ତାଠୁ ବସ୍‌ରେ ଯିବା ପାଇଁ ସବୁ ଦିନ ପଇସା ଆଣେ। ମା' ବେଳେବେଳେ କହେ କେତେ ଖର୍ଚ୍ଚ କରୁଛୁ! ତୁମ ଦରମା କେବେ ମିଳିବ ? ପ୍ରଥମ ସାତ ମାସର ଦରମା ଦେଲା ପରେ ମା'କୁ କହିଲି ପ୍ରଥମ ଦରମା ମୁଁ ତୁମକୁ ସସମ୍ମାନେ ଅର୍ପଣ କଲି, ଆଉ ଟଙ୍କା ଦବନି। ମୁଁ ଜାଣିଛି ଘରେ ସେମିତି କିଛି ଅସୁବିଧା ନଥିଲା। ତେଣୁ ସବୁତକ ପଇସା ମୁଁ ରଖେ। ସେ ପଇସାରେ ସାହିରେ ଭୋଜିଭାତ, ଅପେରା ଦେଖା, ସିନେମା ଦେଖା, ବାହାରେ ବୁଲା, ଶାଢ଼ି ଡ୍ରେସ୍ ବିଭିନ୍ନ ବଦ୍ ଖର୍ଚ୍ଚ କରେ। କଥା କ'ଣ କି ମତେ ବାପା +୨ପରେ ସି.ଟି କରିବାକୁ କହିଲେ। ମୋର କିନ୍ତୁ ଆଗକୁ ପଢିବାକୁ ଇଚ୍ଛା ଥିଲା। ପରେ ପଢିଲି ମଧ୍ୟ। କିନ୍ତୁ ୧୮ ବର୍ଷରୁ ଶିକ୍ଷୟିତ୍ରୀ ହେବା ପାଇଁ ତାଲିମ ବିଦ୍ୟାଳୟରେ ଯେଉଁ ସବୁ କଟକଣା ଥିଲା ମତେ କଷ୍ଟ ହୁଏ। ପ୍ରଥମ କଥା ଶାଢ଼ି ପିନ୍ଧିବା। ତା'ପରେ ମୋର ଚୁଲବୁଲି ପଣକୁ ଜୋରଜବରଦସ୍ତ ହତ୍ୟା କରିବାକୁ ହୁଏ। ଗୋଟେ ଦିନ ସେମିତି ସାର୍ ଗୀତ ଗାଇବାକୁ କହିଲେ ମୁଁ ଗାଇ ନଥିଲି। ସାର୍ ବାହାର କରିଦେଲେ ଶ୍ରେଣୀରୁ। ବାପାଙ୍କର ଓ ମୋ ସ୍କୁଲ ଗୋଟେ ପାଚେରୀ ଭିତରେ। ସେଇଠି ପ୍ରଧାନ ଶିକ୍ଷକ ଥିଲେ ବାପା, ମତେ ବାହାରେ ଦେଖିଲେ, ମୁଁ ଗୋଟେ ମୁଢ଼ି ପୁଡିଆ ସହ ଗେଟି ଖେଳୁଥାଏ। ବାପା ପଚାରିଲେ, ବାହାରେ କାହିଁକି ଅଛୁ ? ମୁଁ ସବୁ କହିଲି ବାପା ଆଉ କିଛି କହିଲେନି। ମୁଁ ସମସ୍ତଙ୍କଠୁ କନିଷ୍ଠ ଥିଲି ତାଲିମ ବିଦ୍ୟାଳୟରେ। ଚାକିରି କରିଲାବେଳେ ମଧ୍ୟ ସମସ୍ତଙ୍କଠୁ କନିଷ୍ଠ ପଦୋନ୍ନତି ହେଲା ସେଥିରେ ବି ମୁଁ ସର୍ବ କନିଷ୍ଠ ଥିଲି। ଘରେ ଭଉଣୀମାନଙ୍କ ଭିତରେ ସାନ ବୋଲି ସାନ ସାନ ଲାଗେ। ମୁଁ ବେଳେବେଳେ ତିନିମାସରେ ଥରେ ସାଙ୍ଗସାଥିଙ୍କୁ ନେଇ ଦରମା ଆଣିବା ପାଇଁ ଯାଏ। ସେପଟୁ ଆମେ ହରିଶଙ୍କର ବୁଲି ଆସୁ। ସତ କହିବାକୁ ଗଲେ ମୋ ଚାକିରୀରେ ମୁଁ ଯେତେବେଳେ ବି ଦରମା ପାଇଛି ମତେ ସବୁଦିନେ ତାହା ପହିଲି ରୋଜଗାର ଭଳି ମନେ ହୁଏ। ମୁଁ ଜଣେ ମହିଳା, ମୋର ଦମ୍ଭ ଅଛି ନିଜ ଉପରେ କେବଳ ମୁଁ ଜଣେ ରୋଜଗାର କ୍ଷମ ବୋଲି। ତେବେ ମୁଁ ଚାକିରି ଛଡା ଗପ, କବିତା ଲେଖାଲେଖି କରେ।

## ସାଥୀ

# ଅଳପ ରୁଷାକୁ ଚେନାଏ ହସ, ତହିଁରୁ ଝରୁଛି ପ୍ରେମର ରସ



**ପ୍ରଶ୍ନ**–ଜଣେ ଝିଅ ଦେଖିଲେ କେତେବେଳେ ହସି ଦେଉଛି ତ କେତେବେଳେ ରୁଷୁଛି। ସେ ମୋତେ ଭଲ ପାଉଛି କି ନାହିଁ ଜାଣିପାରୁନି। କ'ଣ କରିବି ?

*–ତନ୍ମୟ ରାଉତ, ବ୍ରହ୍ମପୁର*

**ଉତ୍ତର:** କଥାରେ ଅଛି–ସମଝଦାର୍ ଆଦମୀ କୋ ଇସାରା କାଫି ହୈ। ତେଣୁ ଆପଣ ଟିକେ ମଗଜ ଖଟାନ୍ତୁ ନା ! 'ଅଳପ ରୁଷାକୁ ଚେନାଏ ହସ, ତହିଁରୁ ଝରୁଛି ପ୍ରେମରୁ ରସ'। ବାସ୍, ସେହି ଚାହାଣୀ, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ। ତା' ଭିତରେ କେଉଁଠି ନା କେଉଁଠି ପ୍ରେମର ଅସଲ ବାସ୍ନା ଲୁଚି ରହିଛି।

**ପ୍ରଶ୍ନ**– ଲାଜୁଆ ହସରେ କ'ଣ ସତରେ ପ୍ରେମ ଭରି ରହିଥାଏ ?

*–ଜନ୍ମେଜୟ ସାହୁ, କେନ୍ଦ୍ରାପଡା*

**ଉତ୍ତର:** ପ୍ରେମର ଅନେକ କଥା ହସରେ ହିଁ ଲୁଚି ରହିଥାଏ। ବଡ ଅଜବ ସେ ହସ। କେତେବେଳେ ରସଗୋଲା ପରି ମିଠା ତ କେତେବେଳେ ହଳାହଳ ବିଷ। ତେଣୁ ସେହି ହସକୁ ଭଲ ଭାବରେ ପ୍ରଥମେ ପରଖି ନିଅନ୍ତୁ। ନହେଲେ ସେହି ହସରେ ବାୟା ହୋଇ ଧାଇଁବେ ସିନା ହେଲେ ଫଳ କିଛି ମିଳି ନ ପାରେ। ଯଦି ହସରେ ପ୍ରକୃତରେ ପ୍ରେମର ପୁଲକ ଲୁଚି ରହିଛି ତେବେ ତାକୁ ଆଧାର କରି ଆଗାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତେବେ ବାଜି ମାରିନେବେ।

**ପ୍ରଶ୍ନ**–ପ୍ରେମ ନିଶା କ'ଣ ସତରେ ଗାଢ଼ ?

*–ବିସ୍ମୟ ବହିଦାର, ରେଢ଼ାଖୋଲ*

**ଉତ୍ତର:** ପ୍ରେମର ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମରେ କେତେବେଳେ ଦ ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**–ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ବେଳେବେଳେମତେ ଲାଗୁଛି ସେ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହିପାରୁନି କାହିଁକି ?

*–ପ୍ରମୋଦ କୁମାର, ଢେଙ୍କାନାଳ*

**ଉତ୍ତର:** ସେ ବୋଧହୁଏ ଆପଣ କହିଥିବା 'ଆଇ ଲଭ୍ ୟୁ'କୁ ତର୍ଜମା କରୁଛି। ସେ ଆପଣଙ୍କୁ ଯଦି କିଛି କହିବାକୁ ଚାହୁଁଛି। ତେବେ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ, ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ**–ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। ହେଲେ ସେଗୁଡିକୁ ସେ ପ୍ରଶଂସା କରୁନାହିଁ। କ'ଣ କରିବି ?

*–ତପନ ନନ୍ଦ, ଜଗତସିଂହପୁର*

**ଉତ୍ତର:** ଆପଣଙ୍କ ଭିତରେ କବିତା ଲେଖିବାର ପ୍ରତିଭା ଅଛି–ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ ଆପଣଙ୍କ ପ୍ରେମିକା ମଗଜରେ ସେକଥା ପଶିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି ଖାଲି କବିତା ଲେଖୁଛନ୍ତି। ତେଣୁ ନିଜେ ଜଣେ କବି ଆଉ ସୁନ୍ଦର ପ୍ରେମ କବିତା ଲେଖିବାରେ ଆପଣଙ୍କର ପଟୁତା ରହିଛି ବୋଲି ସେ ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ ତଥା ମନକୁ ଛୁଇଁଲା ଭଳି କବିତାଗୁଡିକୁ ପଢ଼ିବାକୁ ଚେଷ୍ଟା କରିବେ।

# ୨୦ବର୍ଷ ଧରି ବୋର୍ଡରେ ଲେଖୁଛନ୍ତି ଖବର



**ଖ**ବରକାଗଜ ସାଧାରଣତଃ ଛପା ଯାଇଥାଏ। ବିଭିନ୍ନ ଅଞ୍ଚଳରୁ ପ୍ରକାଶନ ହେଉଥିବା ଦୈନିକ, ସାପ୍ତାହିକ, ମାସିକ, ପାକ୍ଷିକ ଆଦି ବିଭିନ୍ନ ଭାଷାର ଏକାଧିକ ସଂସ୍କରଣ ରହିଛି। ଆଞ୍ଚଳିକ, ରାଜ୍ୟସ୍ତରୀୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବହୁ ଲୋକପ୍ରିୟ ଖବରକାଗଜ ରହିଛି। ଦୈନନ୍ଦିନ ସମାଜରେ ଘଟୁଥିବା ନାନା ସମସ୍ୟା, ତା'ର ସମାଧାନ ପାଇଁ ଘଟଣାଟି ଖବରରୂପେ ଜନତାଙ୍କ ସ୍ୱର ହୋଇ ଶାସକ ଓ ପ୍ରଶାସକଙ୍କ ନିକଟରେ ପହଞ୍ଚିଥାଏ। ଅନ୍ୟପକ୍ଷେ ସାଧାରଣ ଲୋକଙ୍କୁ ସରକାରୀ ବେସରକାରୀ ଆଦି ଘଟଣା ସମ୍ପର୍କରେ ସୂଚନା ବି ଦେଇଥାଏ। କିନ୍ତୁ ଛପା ଖବରକାଗଜ ବ୍ୟତୀତ କେତେକ ବ୍ୟକ୍ତି ନିଜସ୍ୱ ଉଦ୍ୟମରେ ଅଲେଖା କାଗଜରେ ବିଭିନ୍ନ ଘଟଣାକୁ ଖବର ରୂପେ ପରିବେଷଣକରି ଜନସଚେତନତା କରୁଥିବାର ନଜିର ରହିଛି। ସ୍ଥାନୀୟ ଖବରଠୁ ଆରମ୍ଭ କରି ଜାତୀୟ ଓ ଅନ୍ତର୍ଜାତୀୟ ଘଟଣାର ବିଭିନ୍ନ ଖବରକୁ ସ୍କେଚ୍ ବା ମାର୍କର୍‌ରେ ଲେଖି ଜଣେ ଯୁବକ ଜନସଚେତନତା କରୁଛନ୍ତି। ସେପୁଣି ଦିନେ କି ଦୁଇଦିନ ନୁହେଁ ବରଂ ଦୀର୍ଘ ୨୦ବର୍ଷଧରି ଜାରି ରଖିଛନ୍ତି ଏହି ଖବର ପରିବେଷଣ। ପେସା ଚା' ବିକ୍ରି କରିବା ମାତ୍ର ନିଶା ତାଙ୍କର ଲୋକଙ୍କ ପାଇଁ ହ୍ୱାଇଟ ବୋର୍ଡରେ ବିଭିନ୍ନ ଖବର ଲେଖିବା। ସେ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆ କାଳୀ ପୂଜା ସାହିର ଦମୟନ୍ତୀ ଚର୍ଚ୍ଚି ଏବଂ ଦୁର୍ଯ୍ୟୋଧନ ଚର୍ଚ୍ଚିଙ୍କର ଏକମାତ୍ର ପୁଅ **ସରୋଜ ଚର୍ଚ୍ଚି**। ସେ କୁହନ୍ତି, 'ମୁଁ ଯେତେବେଳେ ୮ବର୍ଷର ହୋଇଥିଲି ସେହି ସମୟରେ ମୋ' ବାପାଙ୍କ ମୃତ୍ୟୁ ହେଲା। ସେହି କଅଁଳ ବୟସରେ ସ୍କୁଲ ଯିବା ସହିତ ବଳକା ସମୟରେ ଗାଁର କେତେକ ଲୋକଙ୍କ ଘରେ ପିଇବାପାଣି ଦେଇ ସେଥିରୁ ଯାହା ପାରିଶ୍ରମିକ ଭାବେ ମିଳୁଥିଲା ସେଥିରେ ପରିବାର ଭାରି କଷ୍ଟରେ ଚଳୁଥିଲା। ପିଲାଦିନେ କେତେବେଳେ ଗାଁର ସାଂସ୍କୃତିକ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରି ତ କେବେ ଫୁଟବଲ, କ୍ରିକେଟ ମ୍ୟାଚ୍‌ର ଧାରାବିବରଣୀ ଦେଇ ଦର୍ଶକମାନଙ୍କଠାରୁ ବହୁ ପ୍ରଶଂସା ପାଉଥିଲି। କେହି କେହି ମତେ କିଛି ଟଙ୍କା ପୁରସ୍କାର ଭାବେ ଦେଉଥିଲେ। ସେତେବେଳେ ୯ମ ରେ ପଢୁଥାଏ। କିନ୍ତୁ ନୃତ୍ୟ, ଖେଳ, ଧାରାବିବରଣୀ ଆଦି ଅଭ୍ୟାସ ଜାରି ରହିଥାଏ । ସମୟ କ୍ରମେ ପରିବାର ଚଳେଇବା ପାଇଁ ଫିରିଙ୍ଗିଆ ବଜାରରେ କୁଇସମାଜ କମ୍ପ୍ଲେକ୍ସର ଏକ ଘର ଭଡ଼ା ନେଇ ସେଠାରେ ଏକ ଚା' ଦୋକାନ ଦେଲି। ୨୦୦୩ ମସିହାର କଥା, ବିଶ୍ୱକପ କ୍ରିକେଟ ଖବରକୁ ପଡ଼ୋଶୀ ଘରର ଲୋକଙ୍କ ଟିଭି ଓ ରେଡିଓରୁ ଶୁଣି ମୋ ଦୋକାନ ସମ୍ମୁଖରେ ଥିବା ଏକ ହ୍ୱାଇଟ ବୋର୍ଡରେ ପ୍ରଥମେ ସେହି ଖେଳ ଖବରକୁ ଲେଖିଥିଲି। କିଛି ଦିନଧରି ଖେଳର ଫଳାଫଳ ଖବରକୁ ଲେଖିଲି। ଏଠାକୁ ଚା' ପିଇବାକୁ ଆସୁଥିବା ଲୋକମାନେ, ଚା' ପିଇବା ସହିତ ଖେଳ ଖବରକୁ ଜାଣିପାରି ଆଲୋଚନା କରୁଥିବାରୁ ମତେ ଖୁସୀ ଲାଗୁଥିଲା। ସେବେଠାରୁ ପ୍ରତିଦିନ ସକାଳୁ ସକାଳୁ ଦୋକାନ ଖୋଲିବା ପୂର୍ବରୁ ହ୍ୱାଇଟ ବୋର୍ଡରେ ବିଭିନ୍ନ ଖବର ଲେଖିବା ମୋର ସଉକ ହୋଇଗଲା। ଫଳରେ ପ୍ରତିଦିନ କେତେଜଣ ଲୋକଙ୍କର ଏଠାରେ ଖବର ପଢ଼ିବାକୁ ଆସିବା ଏକ ପ୍ରକାର ଅଭ୍ୟାସ ହୋଇଗଲା। ଏହି ହ୍ୱାଇଟ୍ ବୋର୍ଡରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଘଟଣାର ଶିରୋନାମାକୁ ଲେଖିବା ସହିତ କେତେକ ନିତ୍ୟ ବ୍ୟବହାର ଖାଦ୍ୟପଦାର୍ଥ ସାମଗ୍ରୀର ଦରଦାମ ଲେଖୁଥିଲି ଏବଂ କାହାର କିଛି ଆବଶ୍ୟକ ପଡୁଥିବା ସୂଚନାକୁ ମଧ୍ୟ ଲେଖିଲି। ସେହିପରି ସେତେବେଳେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ମୃତ୍ୟୁ ଘଟଣା ଯୋଗୁ କନ୍ଧମାଳରେ ଦଙ୍ଗା ଉପୁଜିଥାଏ। । ସେହି ସମୟରେ ମୋ ଦୋକାନ ସମ୍ମୁଖରୁ କୌଣସି ବ୍ୟକ୍ତିଙ୍କର ଏକ ସୁନାମୁଦିଟିଏ ପାଇଥିଲି। ପରେ ଏହି ହ୍ୱାଇଟ୍ ବୋର୍ଡରେ ସୁନାମୁଦିଟିଏ ମିଳିଛି ବୋଲି ଏକ ଖବର ଲେଖିଥିଲି। ଏଠାକୁ ଚା' ପିଇବାକୁ ଆସିଥିବା ଜଣେ ଯବାନ ସେହି ବୋର୍ଡରେ ଲେଖାଥିବା ଏହି ସୁନାମୁଦି ଖବରକୁ ପଢ଼ି ତାହା ତାଙ୍କର ସୁନାମୁଦି ବୋଲି କହିଥିଲେ। ଏହାପରେ ଦୁଇଜଣ ବ୍ୟକ୍ତିଙ୍କୁ ସାକ୍ଷୀ ରଖି ସେହି ବ୍ୟକ୍ତିଙ୍କୁ ସେଦିନ ପାଇଥିବା ସୁନାମୁଦିଟିକୁ ଫେରାଇଥିଲି। ଏହି କାର୍ଯ୍ୟ ପାଇଁ ମତେ ଅନେକ ବ୍ୟକ୍ତି ବହୁ ପ୍ରଶଂସା କରିଥିଲେ। ଲୋକଙ୍କ ଉତ୍ସାହ ପାଇଁ ମୋର ଖବର ଲେଖିବା ଜାରି ରହିଲା। ସକାଳ ପ୍ରାୟ ୭ଟାରୁ ରାତି ୯ଟା ଯାଏ ପ୍ରତି ମୁହୂର୍ତ୍ତରେ ବିଭିନ୍ନ ଖବରକୁ ସେହି ବୋର୍ଡରେ ଲେଖିଥାଏ, ପୁଣି ନୂଆ ଖବର ଟିଏ ଆସିଲେ ଅନ୍ୟପୁରୁଣା ଖବରକୁ ଲିଭାଇ ଦେଇଥାଏ। ଏମିତି ଚା' ବେପାର ସହିତ ଖବର ଲେଖି ଜନସଚେତନା କରି ଆସୁଛି। ପ୍ରଥମେ ବିଭିନ୍ନ ଖବରକୁ ନିଜେ ଜାଣିବା ସହିତ ଅନ୍ୟମାନଙ୍କୁ ଖବର ସମ୍ପର୍କରେ ଅବଗତ କରାଇଥାଏ। ଏଥିରେ ମତେ ମାନସିକ ଶାନ୍ତି ସହିତ ଲୋକଙ୍କ ଶ୍ରଦ୍ଧା ମିଳୁଛି। ଯାହା ମତେ ଏକ ଭିନ୍ନ ପରିଚୟ ବି ଦେଇଛି।

**– ବନବିହାରୀ, ବିକ୍ରମ ଦିଗାଲ**





# ସବୁଜ ପରିବେଶ ପାଇଁ ଚିନ୍ତା



**ପେ**ସା ତାଙ୍କର ଶିକ୍ଷକତା, ନିଶା ପରିବେଶ ସୁରକ୍ଷା। ଏଥିପାଇଁ ସେ ତାଙ୍କ ଚାକିରି କାଳ ମଧ୍ୟରେ ବିଭିନ୍ନ ସ୍କୁଲ ହତାରେ ନାନା ପ୍ରକାରର ବୃକ୍ଷଲତା ରୋପଣ କରିଛନ୍ତି। ଗଛ ବଢ଼ି ଜଙ୍ଗଲ ହେବାପରେ ସେଥିରେ ବିଭିନ୍ନ ପ୍ରଜାତିର ପକ୍ଷୀ ଯେମିତିକି ଶୁଆ, କୁମ୍ଭାଟୁଆ, କଜଳପାତି, କାପ୍ତା, ବଣି ଆଦି ଆଶ୍ରୟ ନେଉଛନ୍ତି। ଏଭଳି ଏକ ସୁନ୍ଦର ପ୍ରାକୃତିକ ପରିବେଶ ଗଢି ଅନ୍ୟମାନଙ୍କ ପ୍ରଂଶସା ସାଉଁଟିଥିବା ବ୍ୟକ୍ତି ହେଉଛନ୍ତି ଭଦ୍ରକ ଜିଲାର ଚାନ୍ଦବାଲି ଅଞ୍ଚଳ ମୌସୁଧା ଗାଁର **ଜୟକୃଷ୍ଣ ନାୟକ**। ସେ କୁହନ୍ତି, ପିଲାଟି ଦିନରୁ ବିଭିନ୍ନ ବୃକ୍ଷଲତା ଲଗାଇବାକୁ ଭଲ ପାଉଥିଲି। ଶିକ୍ଷକତା ଚାକିରି ମତେ ଅଧିକରୁ ଅଧିକ ଗଛ ଲଗାଇବାକୁ ସୁଯୋଗ ଦେଲା। ଏକାଧିକ ସ୍କୁଲ ହତାରେ ବିଭିନ୍ନ ଗଛଲତା ଲଗାଇଲି। ଘଣ୍ଟେଶ୍ୱର ଆଙ୍କଡ଼ା ଏମଇ ସ୍କୁଲ ପରିସରରେ ପ୍ରାୟ ୧ଏକର ପରିମିତ ଜାଗାରେ ନଡ଼ିଆ, ଆମ୍ବ, ବେଲ, ସପେଟା, ବରକୋଳି ଜାମୁ ଆଦି ବିଭିନ୍ନବୃକ୍ଷ ଲଗାଇଛି। ସେହିପରି ମଡୋ ଆରଆର ଏମଇ ସ୍କୁଲ ପରିସରରେ ଏବଂ ଗାଁ ପୋଖରୀ ହୁଡ଼ାରେ ବିଭିନ୍ନ ପ୍ରକାର ଗଛ ଲଗାଇଛି। ୨୦୧୮ରେ ସହଗୋଷ୍ଠୀ ଶିକ୍ଷାଧିକାରୀ ପଦବୀରୁ ଅବସର ନେଇସାରିଛି। ଏବେ ମୋର ବାକି ସମୟ ସବୁଙ୍କୁ ଗଛ ଲଗାଇବାରେ ବିତାଉଛି।








# ହାଃ ହାଃ

## ପେଣ୍ଟ୍

ପ୍ରଥମ ପାଗଳ ଦ୍ୱିତୀୟ ପାଗଳଙ୍କୁ: ଏତେ ବଡ଼ ଏରୋପ୍ଲେନ୍‌କୁ ଲୋକମାନେ କେମିତି ପେଣ୍ଟ୍ କରନ୍ତି ?

ଦ୍ୱିତୀୟ ପାଗଳ: ଏରୋପ୍ଲେନ୍ ଯେତେବେଳେ ବହୁତ ଉପରେ ଉଡେ ତାହା ଛୋଟ ହେଇଯାଏ । ଆଉ ସେତିକିବେଳେ କଲର୍ ସ୍ପ୍ରେ କରିଦେଲେ ଏରୋପ୍ଲେନ ଆରାମରେ ପେଣ୍ଟ ହେଇଯାଏ ।

## ଆଉଟ୍ ଗୋଇଂ

ଡାକ୍ତରଙ୍କ ପାଖକୁ ଯାଇ ରାଧୁଆ– ଆଜ୍ଞା ବହୁତ କଷ୍ଟ ପାଉଛି ।

ଡାକ୍ତର– କ'ଣ ହେଇଛି ତୁମର ?

ରାଧୁଆ–ସଫରିଂ ଫ୍ରମ ଅନଲିମିଟେଡ୍ ଆଉଟ୍ ଗୋଇଂ ଉଇଥ୍ ଡିଫରେଣ୍ଟ ଡିଫରେଣ୍ଟ ରିଙ୍ଗଟୋନ୍ ।

ଡାକ୍ତର– ବୁଝିପାରିଲିନି କ'ଣ କହୁଛ ?

ରାଧୁଆ– ଏତିକି ବୁଝିପାରିଲେନି । ମୋର ଲୁଜ୍ ମୋସନ୍ ହୋଇଛି ।

## ବିବାହ

ରମେଶ ଜଣେ ବାବାଙ୍କ ପାଖକୁ ଯାଇ– ମୋର ବାହାଘର ହେଇପାରୁନି କ'ଣ କରିବି ? କେବେ ହେବ କହିପାରିବେ ?

ବାବା– ଯେମିତି ପାପର କଳସ ପୂର୍ଣ୍ଣ ହେଲେ ମଣିଷର ମୃତ୍ୟୁ ହୁଏ । ସେହିଭଳି ଯେବେ ତୁମ ଖୁସିର କଳସ ପୂର୍ଣ୍ଣ ହୋଇଯିବ ତୁମର ବିବାହ ନିଶ୍ଚୟ ହୋଇଯିବ ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।





## ଶାନ୍ତିପୂର୍ଣ୍ଣ ଶୈଳନିବାସ

# ରାଣୀକ୍ଷେତ









**ରାଣୀକ୍ଷେତ ହେଉଛି ଉତ୍ତରାଖଣ୍ଡସ୍ଥିତ ଏକ ଶୈଳନିବାସ। ସମୁଦ୍ରପତ୍ତନରୁ ପ୍ରାୟ ୬୧୩୨ ଫୁଟ ଉଚ୍ଚତାରେ ଥିବା ଏହି ଶୈଳନିବାସଟିର ଶାନ୍ତ ପରିବେଶ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ସେଥିପାଇଁ ପ୍ରାୟତଃ ଏଠାରେ ପର୍ଯ୍ୟଟକଙ୍କୁ ଦେଖିବାକୁ ମିଳିଥାଏ।**

ଉତ୍ତରାଖଣ୍ଡର ଅଲମୋଡ଼ା ଜିଲା ଅନ୍ତର୍ଗତ ଏକ ଶୈଳନିବାସ ହେଉଛି ରାଣୀକ୍ଷେତ। ପ୍ରକୃତପକ୍ଷେ ଏହା ହେଉଛି ସ୍ଥାନୀୟ ଏକ ସୁନ୍ଦର ସହର। କିନ୍ତୁ ଏହାର ଆକର୍ଷଣୀୟ ପ୍ରାକୃତିକ ପରିବେଶ ହିଁ ଏହାକୁ ଶୈଳନିବାସର ପରିଚୟ ଦେଇଛି, ଆଉ ପର୍ଯ୍ୟଟକଙ୍କ ଗହଣରେ କ୍ରମେ ଏହାର ଲୋକପ୍ରିୟତା ବଢିବାରେ ଲାଗିଛି। ଶାନ୍ତ ବାତାବରଣ ଭିତରେ ଥିବା ଏହି ଶୈଳନିବାସଟି ସମୁଦ୍ରପତ୍ତନଠାରୁ ପ୍ରାୟ ୬୧୩୨ ଫୁଟ ଉଚ୍ଚରେ ଅବସ୍ଥିତ। ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ଅନେକ ଉଚ୍ଚ ଉଚ୍ଚ ପାହାଡ, ୱାଚ୍ ଟାୱାର୍, ଗଲ୍ଫ କୋର୍ସ ତଥା କେତେକ ଆଧ୍ୟାତ୍ମିକ ପୀଠ ଇତ୍ୟାଦି।

### ନାମକରଣକୁ ନେଇ ଲୋକକଥା

ରାଣୀକ୍ଷେତର ନାମକରଣକୁ ନେଇ ଏକ ଲୋକକଥା ଏଠାରେ ଶୁଣିବାକୁ ମିଳିଥାଏ। କୁହାଯାଏ, ଏକଦା କତ୍ୟୁରୀ ରାଜବଂଶର ରାଜା ସୁଧାରଦେବ କୁଆଡ଼େ ଏହି ସ୍ଥାନରେ ନିଜ ପାଟରାଣୀଙ୍କର ହୃଦୟ ଜିଣିବାରେ ସକ୍ଷମ ହୋଇଥିଲେ। ଆଉ ପରେ ଏହି ସ୍ଥାନରେ ରହିବା ପାଇଁ ସେ ନିବାସ ଗଢିବାକୁ ଇଚ୍ଛା କଲେ ଏବଂ ଏହି ସ୍ଥାନର ନାଁ ଦେଇଥିଲେ ରାଣୀକ୍ଷେତ; ଯାହାର ଅର୍ଥ ହେଉଛି ରାଣୀଙ୍କର ମୈଦାନ। କିନ୍ତୁ ପ୍ରକୃତପକ୍ଷେ ଏଠାରେ ସେମିତି କିଛି ଆଖି ଦୃଶିଆ ରାଜମହଲ ଥିବାର ଦେଖିବାକୁ ମିଳେନାହିଁ। ତେଣୁ ଏହି ସ୍ଥାନର ନାମକରଣକୁ ନେଇ ଥିବା ଲୋକକଥା କେତେଦୂର ସତ ତାହା ଏବେ ବି ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଥାଏ।

### କେବେ ଓ କେମିତି ଯିବେ


କୁହାଯାଏ, ରାଣୀକ୍ଷେତର ଜଳବାୟୁ ବର୍ଷକ ବାରମାସ ପ୍ରାୟତଃ ଥଣ୍ଡା ରହିଥାଏ। ଅକ୍ଟୋବର ପରଠୁ ଏଠାରେ ଶୀତର ପ୍ରକୋପ ଟିକେ ବେଶୀ ଅନୁଭୂତ ହୋଇଥାଏ। ଆଉ ଡିସେମ୍ବର ବେଳକୁ ଏଠାରେ ତୁଷାରପାତ ହେବା ଆରମ୍ଭ ହୋଇଯାଏ, ଯାହା ପ୍ରାୟ ଫେବୃୟାରୀ ଶେଷ ପର୍ଯ୍ୟନ୍ତ ରହେ। ଏହି ସମୟ ଭିତରେ ରାଣୀକ୍ଷେତ ସମ୍ପୂର୍ଣ୍ଣ ଭାବେ ବରଫଚାଦରରେ ଢାଙ୍କି ହୋଇ ରହିଥାଏ, ଯାହା ଦେଖିବାକୁ ଖୁବ୍ ଆକର୍ଷଣୀୟ ଲାଗେ। ସେଥିପାଇଁ ଏହି ସମୟରେ ବି କିଛି ପର୍ଯ୍ୟଟକ ଏଠାକୁ ବୁଲି ଯିବାକୁ ପସନ୍ଦ କରିଥାନ୍ତି। କିନ୍ତୁ ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ରାଣୀକ୍ଷେତକୁ ଯିବାପାଇଁ ପ୍ରକୃଷ୍ଟ ସମୟ ହେଉଛି ମାର୍ଚ୍ଚରୁ ଅକ୍ଟୋବର। କାରଣ ଏହି ସମୟରେ ଏଠାରେ ନା ବେଶୀ ଶୀତ ଅନୁଭୂତ ହେଉଥାଏ ନା ବେଶୀ ଗରମ। ବୁଲାବୁଲି କରିବାକୁ ପାଣିପାଗ ପୂରା ଉତ୍ତମ ରହିଥାଏ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଦିଲ୍ଲୀଠାରୁ ପ୍ରାୟ ୩୫୦ କି.ମି ଦୂରରେ ଥିବା ରାଣୀକ୍ଷେତର ନିକଟତମ ବିମାନବନ୍ଦର ହେଉଛି ପନ୍ତନଗର। ସେହିପରି କାଠଗୋଦାମ ରେଲଓ୍ୱେଷ୍ଟେଶନ ହେଉଛି ଏହାର ନିକଟତମ ରେଲଷ୍ଟେଶନ; ଯାହା ରାଣୀକ୍ଷେତଠାରୁ ପ୍ରାୟ ୬୮ କି.ମି ଦୂରରେ ଅବସ୍ଥିତ।

### କ'ଣ ଦେଖିବେ

ଦେବଦାରୁ ଗଛଦ୍ୱାରା ଘେରି ହୋଇ ରହିଥିବା ରାଣୀକ୍ଷେତ ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଯେମିତିକି: ଚୌବାଟିଆ, ଦ୍ୱାରାହାଟ୍, କୌସନି, ଚୌଖୁଟିଆ, ମାଝଖାଲି, ନୈନା ଗାଁଓ, ଜଲାଲି, ବାରାଖାମ୍, ଦୁନାଗିରି, ନୈଥାନ୍, ରାଣୀ ଝିଲ୍, ସର୍ନା ଗାର୍ଡେନ୍ ରୋଡ୍, ଭାଲୁ ଡ୍ୟାମ୍, ଝୁଲା ଦେବୀ ମନ୍ଦିର ଇତ୍ୟାଦି ଅନ୍ୟତମ। ତା'ଛଡ଼ା ଏଠାରେ ଥିବା ଗଲ୍ଫ କୋର୍ସ ବି ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ଏହାବାଦ୍ ରାଣୀକ୍ଷେତଠାରୁ ପ୍ରାୟ ୫୦ କି.ମି ଦୂରରେ ଥିବା ଅଲ୍‌ମୋଡ଼ା ଏବଂ ୬୦ କି.ମି ଦୂରରେ ଥିବା ନୈନିତାଲକୁ ବି ବୁଲିଯାଇ ପର୍ଯ୍ୟଟକ କିଛିଟା ନିଆରା ଅନୁଭୂତି ସାଉଁଟିପାରିବେ।

### ଅନ୍ୟାନ୍ୟ ଆକର୍ଷଣ

ରାଣୀକ୍ଷେତରେ ଭଲ କ୍ୱାଲିଟିର ଫ୍ରୁଟ୍ ଜାମ୍ ମିଳେ। ତା'ସହିତ ସୁଇଟ୍ ମିଣ୍ଟ୍ ନାମକ ଏକ ସ୍ୱତନ୍ତ୍ର ମିଠା ବି ଏଠାକାର ଅନ୍ୟତମ ପ୍ରମୁଖ ଆକର୍ଷଣ ହୋଇଥାଏ। ସେହିପରି ମୋଜାର ଏକ ଭେରାଇଟି ହୋଜରି ପ୍ରସ୍ତୁତ କରିବାରେ ବି ଏହି ସ୍ଥାନର ବେଶ୍ ନାଁ ରହିଛି। କେବଳ ସେତିକି ନୁହେଁ ସେଓ ଉତ୍ପାଦନରେ ବି ରାଣୀକ୍ଷେତର ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ରହିଛି।



# ନେଲ୍‌ପଲିଶ୍‌ର କଥା





ନେଲ୍‌ପଲିଶ୍‌ର ଆରମ୍ଭ ଖ୍ରୀ.ପୂ. ୩୦୦୦ରେ ହୋଇଥିବା ଜଣାଯାଏ। ଖ୍ରୀ.ପୂ. ୬୦୦ରେ ଝୋଉ ରାଜବଂଶ ସମୟରେ ରାଜପରିବାରର ମହିଳାମାନେ ରୁପେଲି ସୁନେଲି ରଙ୍ଗରେ ନଖକୁ ରଙ୍ଗାଉଥିଲେ, ଯାହାକି ପ୍ରତିପତ୍ତିକୁ ଦର୍ଶାଉଥିଲା। ତେବେ ଅନ୍ୟବର୍ଗରେ କେବଳ ପୁରୁଷମାନେ ନଖକୁ ରଙ୍ଗାଉଥିଲେ। ଚାଇନାର ରାଜକୀୟ ମହିଳାମାନେ ହେଉଛନ୍ତି ପ୍ରଥମ ମହିଳା, ଯେଉଁମାନେ କି ନଖକୁ ରଙ୍ଗାଉଥିଲେ। ପରବର୍ତ୍ତୀ ସମୟରେ ଏହି ମେଟାଲିକ କଲର୍‌କୁ ସ୍ଥାନାନ୍ତର କରି କଳା ଓ ଲାଲ ରଙ୍ଗରେ ନଖକୁ ରଙ୍ଗାଇବା ରାଜ ପରିବାରର ପ୍ରିୟ ହୋଇଗଲା। ମିଙ୍ଗ ସାମ୍ରାଜ୍ୟବେଳେ ନଖକୁ ରଙ୍ଗାଇବା ଲାଗି ମହୁମାଛିର ମହମ, ଅଣ୍ଡାର ଧଳା ଅଂଶ, ଗେଲାଟିନ, ଭେଜିଟେବୁଲ ଡାଇ(ଗୋଲାପ ଫୁଲ ଓ ଅର୍କିଡ ଫୁଲର ପାଖୁଡ଼ା) ଏବଂ ଗମ୍ ଆରବିକ୍‌ର ଏକ ମିଶ୍ରଣ ପ୍ରସ୍ତୁତ କରି ସେହି ମିଶ୍ରଣରେ ନଖକୁ ସାରା ରାତି ବୁଡାଇ ପର୍ପଲ ରେଡିଶ କଲର କରୁଥିଲେ। ଇଜିପ୍ଟରେ ଗରିବ ପରିବାରର ମହିଳାମାନେ ହଳଦିଆ ଓ ଅନ୍ୟ ହାଲୁକା ରଙ୍ଗରେ ନଖକୁ ରଙ୍ଗାଉଥିଲେ। ଆଉ ଧନୀକ ଗୋଷ୍ଠୀମାନେ ହେନା ବ୍ୟବହାର କରି ନଖକୁ ବାଦାମୀ ଲାଲ ରଙ୍ଗରେ ରଙ୍ଗାଉଥିଲେ। କୁହାଯାଏ କ୍ଲିଓପାଟ୍ରା ଗଛର ଅର୍କ ବ୍ୟବହାର କରି ନଖକୁ ଗାଢ ଲାଲ ରଙ୍ଗରେ ରଙ୍ଗାଉଥିଲେ। ବିଶ୍ୱାସ କରାଯାଏ ସେ ହେଉଛନ୍ତି ପ୍ରଥମ ମହିଳା ଯେ କି ପୂରା ଅଙ୍ଗୁଳିକୁ ରଙ୍ଗାଇବା ପରିବର୍ତ୍ତେ କେବଳ ନଖକୁ ରଙ୍ଗାଉଥିଲେ। ଇଜିପ୍ଟର ରାଜକୁମାରୀ ନେଫରଟିଟି ମଧ୍ୟ ନଖକୁ ଲାଲ ରଙ୍ଗରେ ରଙ୍ଗାଉଥିଲେ ବୋଲି କୁହାଯାଏ। ଆଉ ଏଥିପାଇଁ ସେ ହେନା ଓ ରକ୍ତର ବ୍ୟବହାର କରୁଥିବା କୁହାଯାଏ। ୧୮୧୦-୧୮୧୨ ବେଳକୁ ଫ୍ରେଡରିକ ଏସ୍.ଏନ୍ ଡଗଲାସ ଗ୍ରୀସ ଭ୍ରମଣରେ ଯାଇଥିବାବେଳେ ସେ ଦେଖିଥିଲେ ଯେ ଗ୍ରୀସ୍‌ର ମହିଳାମାନେ ଏକପ୍ରକାରର ଗୋଲାପୀ ରଙ୍ଗରେ ନଖକୁ ରଙ୍ଗାଉଥିଲେ। ଯାହାକୁ ସେ ସେଠାକାର ପୁରାତନ ପରମ୍ପରା ଭାବି ନେଇଥିଲେ। ଭିକ୍ଟୋରିଆନ ଯୁଗରେ ମହିଳାମାନେ ମେକ୍‌ଅପ୍ କରିବା ଅବା ନଖକୁ ରଙ୍ଗେଇବା ପସନ୍ଦ କରାଯାଉ ନ ଥିଲା। ମହିଳାଙ୍କ ପ୍ରାକୃତିକ ସୁନ୍ଦରତାକୁ ଅଧିକ ପସନ୍ଦ କରାଯାଉଥିଲା।୧୯୨୦ ମସିହା ବେଳକୁ ନଖକୁ ରଙ୍ଗାଇବା ଆଉ ଧନୀକ ଓ ପ୍ରତିପତ୍ତିଙ୍କ ମଧ୍ୟରେ ସୀମିତ ହୋଇ ରହିଲା ନାହିଁ। ଭିକ୍ଟୋରିଆନ୍ ଯୁଗର ଧନୀଠୁ ଆରମ୍ଭ କରି ସାଧାରଣ ମହିଳାମାନେ ବି ମେକଅପ ଓ ନେଲ ପ୍ରଡକ୍ଟ ବ୍ୟବହାର କରିବା ଆରମ୍ଭ କରିଦେଲେ। ୧୯୨୦ ମସିହାରେ ଫ୍ରାନ୍ସର ହେୟାର ଷ୍ଟାଇଲିଷ୍ଟ ଆଣ୍ଟୋଇନ ଡି ପ୍ୟାରିସଙ୍କ କସ୍ମେଟିକ କମ୍ପାନୀ ପ୍ରଥମେ ମଡର୍ନ ନେଲପଲିଶ୍ ଉତ୍ପାଦନ କରିଥିଲା। ଆଉ ସେ ନିଜେ ନିଜ ହାତର ନଖରେ ଭିନ୍ନ ଭିନ୍ନ ରଙ୍ଗର ନେଲପଲିଶ ଲଗାଇ ଗଣମାଧ୍ୟମକୁ ଚକିତ କରିଦେଇଥିଲେ। ପୂର୍ବରୁ ଫ୍ରାନ୍ସରେ ନଖର ଉପରିଭାଗ ଅବା ଉପରୁ ଅର୍ଦ୍ଧଚନ୍ଦ୍ରାକାର ଛାଡି ତଳଅଂଶରେ ନେଲ ପଲିଶ ଲଗାଇବା ଫ୍ୟାଶନ ଥିଲା। ହେଲେ ୧୯୪୦ ବେଳକୁ ପୂରା ନଖରେ ନେଲ ପଲିଶ ଲଗାଇବା ଫ୍ୟାଶନ ପାଲଟିଗଲା। ୧୯୩୦-୧୯୫୦ ମଧ୍ୟରେ ରେଭଲନ ଓ କ୍ୟୁଟେକ୍ସ ପରି କମ୍ପାନୀ ବିଭିନ୍ନ ରଙ୍ଗର ନେଲ ପଲିଶ ବଜାରରେ ଉପଲବ୍ଧ କରାଇଲେ। ୧୯୩୪ରେ ଦନ୍ତ ଚିକିତ୍ସକ ମାକ୍ସୱେଲ ଲାପେ ଫେକ୍ ନେଲ ବା କୃତ୍ରିମ ନଖ ତିଆରି କରିଥିଲେ। ଆଜିକାଲି ତ ପ୍ରାୟ ସବୁ ରଙ୍ଗର ନେଲ୍‌ପଲିଶ୍ ମିଳୁଛି। ମହିଳାମାନେ ସୁନ୍ଦର ସୁନ୍ଦର ନେଲ୍ ଆର୍ଟ ବି କରୁଛନ୍ତି।

**ନାରୀର ସୌନ୍ଦର୍ଯ୍ୟ ବଢାଏ ନେଲ୍‌ପଲିଶ। ଏହାବିନା ତ ନାରୀ ଶୃଙ୍ଗାର ପୁରା ହୁଏନା। ଖାସ୍ ସେଥିପାଇଁ ଏହା ନାରୀର ବହୁତ ପ୍ରିୟ। ତେବେ ଜାଣନ୍ତି କି ଏହି ପ୍ରିୟ ପ୍ରସାଧନ ସାମଗ୍ରୀଟି କେବେ ଓ କେଉଁଠୁ ଆରମ୍ଭ ହୋଇଛି? ଜାଣନ୍ତୁ ସେ ସମ୍ପର୍କରେ...**









# ସ୍କଲ୍ ପର୍ସ

ମହିଳାଙ୍କ ପସନ୍ଦକୁ ନଜରରେ ରଖି ବଜାରରେ ଉପଲବ୍ଧ ହୁଏ ନାନା ପ୍ରକାରର ପର୍ସ। ତେବେ ଏମିତି ବି କିଛି ପର୍ସ ତିଆରି କରାଯାଇଛି ଯାହାକୁ କୌଣସି ମହିଳା ପସନ୍ଦ କରିବା କଷ୍ଟ। ଅନେକଙ୍କୁ ତ ଏହି ପର୍ସ ଭୟାନକ ଲାଗିବ। କାରଣ ଭୂତ ପରି ଦେଖିବାକୁ ଏହି ପର୍ସ। ଅର୍ଥାତ ଏହା ଦେଖିବାକୁ ମଣିଷର ଖପୁରି ଭଳି। ଜୀବିତ ମଣିଷ ଖପୁରି ଭିତରେ ତ ମସ୍ତିଷ୍କ ଥାଏ। ହେଲେ ଏହି ଖପୁରି ପର୍ସ ଭିତରେ ରହିବ ନିଜ ପସନ୍ଦର ଆବଶ୍ୟକ ଜିନିଷ। ଏହି ଅଜବ ପର୍ସକୁ ବେଲଜୀୟମର ଡିଜାଇନର୍ ନାତାଲିଆ ବ୍ରିଲି ଡିଜାଇନ୍ କରିଛନ୍ତି।





କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# କରେଣ୍ଟ ଛଣା ପାଣି

ଗାଁ ସାରା ଚହଳ ପଡ଼ିଗଲା ସାବୀ ସ୍ୱାମୀ ଦେହରେ ଗୁଳି ବାଜିଛି ସେ ଆଉ ନାହିଁ। ସେ ପୁଣି ସାବିତ୍ରୀଓଷାଟାରେ ! ସାବି ମନ୍ଦିରରୁ ଭୋଗ, ଶାଢ଼ି, ଶଙ୍ଖା ପୂଜାକରି ଫେରୁଥିଲା ବେଳେ ଏହି ଖବର ମିଳିଲା। ହା.. ଦଇବରେ ! ସତକଥା ବୋଇଲେ ସେ ଏମିତି ମରିବାର ସେମିତି ଖାସ କାରଣ କିଛି ନ ଥିଲା ମ ! ସାବୀର ବର ସତିଆ ସେହିଦିନ ଶଶୁର ଘରକୁ ଆସି ଶଳା ସାଥିରେ ଗାଁ ପାଖ ପଡ଼ିଆରେ ହେଉଥିବା ମିଟିଂକୁ ଯାଇଥିଲା। ଆଉ ସେଠାରେ ଜଣେ ଟାଣୁଆ ନେତାଙ୍କ ନିଆଁଲଗା ଭାଷଣ, ତା' ମୃତ୍ୟୁର କାରଣ ହେଲା। ଭାଷଣ ସେ ଏମିତି ଢଙ୍ଗରେ ଦେଉଥିଲେ ଯେ, ସତିଆ ଦଳଙ୍କ ସାଙ୍ଗରେ ସିଧା ସେଇଠୁ ଯାଇ ଥାନା ଜାଳିବ ବୋଲି ଧାଇଁଗଲା। ପୋଲିସ ବାବୁଙ୍କ ପାଲଟା ଆକ୍ରମଣର ଶିକାର ହୋଇ ତା'ର ଯେ ଜୀବନ ଯିବ ଏକଥା ତାକୁ ଜଣା ନ ଥିଲା।

ଏଇ ଘଟଣାଟି ବହୁଦିନ ତଳର। ଯେତେବେଳେ ସରକାର କୌଣସି ଜନହିତକାରୀ ଯୋଜନା କରନ୍ତି, ତାକୁ ବିରୋଧକରି ଏହା ସର୍ବସାଧାରଣଙ୍କ ବଡ଼ ଅହିତର କାରଣ ବୋଲି ଗରମା ଗରମ ଭାଷଣରେ ବୁଝାନ୍ତି-ଏମାନେ। ତେଣୁ ସତିଆ ଭଳିଆ ସାଦାସିଧା ଅଳ୍ପବୁଦ୍ଧିଆ ସାଧାରଣ ଜନତା ବା ତାଙ୍କ ଅସଲ ଉଦ୍ଦେଶ୍ୟ କ'ଣ ବା ବୁଝିବେ? ନେତାବାବୁ ଖୁବ୍ ଗର୍ଜନକରି ସେଦିନ କହୁଥିଲେ, ବନ୍ଧୁଗଣ ! ସମସ୍ତେ ମୋ କଥା ମନଦେଇ ଶୁଣ। ଏ ସରକାର ଯେଉଁ ଯୋଜନା କରିଛନ୍ତି, ତାହା ଆମକୁ ଶକ୍ତିହୀନ ପ୍ରାଣହୀନ କରିବାର ଗୋଟେ ବଡ଼ ଷଡ଼ଯନ୍ତ୍ର। ଆମ ଚାଷଜମିରେ ଡାଲୁଅ ଧାନଚାଷ କରିବାକୁ ଯେଉଁ କେନାଲରେ ପାଣି ସରକାର ଛାଡୁଛନ୍ତି , ସେଗୁଡ଼ା ଶକ୍ତି ନ ଥିବା 'କରେଣ୍ଟ ଛଣା ପାଣି'। ମହାନଦୀର ଭଲ ପାଣିକୁ ବଡ଼ ବନ୍ଧ ପକେଇ ଅଟକେଇ ସେଥିରୁ କରେଣ୍ଟ କାଢି, ଶକ୍ତିହୀନ ଦୁର୍ବଳିଆ ଜଳ ଛାଡୁଛନ୍ତି ସେଇ ସାରକଢ଼ା ପାଣିରେ ଯେଉଁ ଫସଲ ହେବ, ସେଇଆକୁ ଖାଇ ଆମ ପିଲାମାନେ ଶକ୍ତିହୀନ ହୋଇଯିବେ। ଜମିରେ ସେଇ ପାଣି ମାଡ଼ି ଚାଷକଲେ ଜମି ବନ୍ଧ୍ୟା ହୋଇଯିବ। ଆଉ ଫସଲ ହେବନି। ତେଣୁ ଆପଣମାନଙ୍କ ଦେହରେ ଶେଷ ରକ୍ତବିନ୍ଦୁ ଥିବାଯାଏ ଏଇ ଯୋଜନାକୁ ଘୋର ବିରୋଧ କରନ୍ତୁ। ଜୋର ପ୍ରତିବାଦ କରନ୍ତୁ। ହରତାଳ କରନ୍ତୁ। ରୋଡ୍ ରାସ୍ତା ବନ୍ଦକରି ଅଖ-ଚକ ଜାମ କରିଦିଅନ୍ତୁ। ସରକାରୀ କଳକୁ ଅଚଳ କରିପକାନ୍ତୁ। ନିଆଁ ଜଳାନ୍ତୁ। ଆପଣଙ୍କ ନାରା ହେବ... ଏଇ ଯୋଜନା ବନ୍ଦହେବରେ ବନ୍ଦ ହେବ, ନଇଲେ ସବୁଠି ନିଆଁ ଜଳିବ.. ଲଢ଼େଇହେବ... ଇତ୍ୟାଦି। ଲୋକଙ୍କୁ ଭାଷଣରେ ତତେଇ ବାବୁ ସିଧାଯାଇ ଘରେ ପଖାଳଖାଇ ନାହିରେ ତେଲଦେଇ ଶୋଇଗଲେ, ହେଲେ ଭକୁଆ ଜନତା, ଏମିତି ତେଜି ଉଠିଲେ ଯେ, ସେଇଠୁ ଉଠି ସିଧା ଥାନା ଘେରାଉକରିବା ଭିତରେ ତିନି ତିନିଜଣ ଅକାଳରେ ଟଳିପଡ଼ିଲେ। ଅନ୍ୟମାନେ ପ୍ରାଣବିକଳରେ ଯିଏ ଯୁଆଡ଼େ ଧାଇଁଲେ। ଖବରପାଇ, ସାବୀର ବାପ ଲୋକଙ୍କୁ ଧରି ନେତାଙ୍କ ଦୁଆରେ ପହଁଞ୍ଚି କହିଲେ ଆପଣଙ୍କ



କଥାରେ ତିନି ତିନିଜଣ ଗୁଳିଖାଇ ମରିଗଲେଣି। ସାବୀ ସ୍ୱାମୀ ସତିଆ ନୂଆ ବାହାହେଇ ଶଶୁର ଘରକୁ ଆସିଥିଲା, ସିଏ ବି ଏଇ ଦଳରେ ସାମିଲ ହୋଇ ମରିଗଲା। ନେତାବାବୁ ଚତୁରିଆ ବୁଦ୍ଧିରେ ମୁଣ୍ଡରୁ ବୁଦ୍ଧିକାଢ଼ି ତୁଣ୍ଡଖୋଲି କହିଲେ.. ଏଁ, ମରିଗଲା ? କିଏ କହୁଛି ସିଏ ମରିଗଲା ? ମୁଁ କହୁଛି -ସତିଆ ମରିପାରେ ନାହିଁ। ହେଲେ ଆମେ ପରା ଖୋଦ ଆମ ଆଖିରେ ଦେଖିଲୁ ତା' ଛାତିରେ ଗୁଳି ବାଜିବାରୁ ସେ ଟଳି ପଡ଼ିଲା ! ନା, ସେ ବିପ୍ଳବୀ। ବିପ୍ଳବୀର କେବେ ମରଣ ହୁଏନି। ସେ ଶହୀଦ ହୋଇଯାଇଛି। ..ଏଁ, ଶ.. ହୀ.. ଦ.. ହୋଇଛି ! ଲୋକେ କିଛି ବୁଝି ନ ପାରି ଆଁ ଟା କରି ଅନେଇଥିବା ବେଳେ, ସାବୀ ଭୋ ଭୋ କାନ୍ଦି ପହଞ୍ଚିଗଲା। ନେତାବାବୁ ଆଗକୁ ବାହାରିଆସି ବୁଝେଇ କହିଲେ – ଲୋ ସାବୀ ! ତୁ ବଡ଼ ଭାଗ୍ୟବତୀ। ତୁ ଖାଲି ଆମ ଅଞ୍ଚଳର ନୁହଁ ବରଂ ଆମ ରାଇଜକୁ ଧନ୍ୟ କରିଦେଲୁ। ତୋ ସ୍ୱାମୀ ମରିନି, ଶହୀଦ ହୋଇଛି। ସାବୀ କିଛି ନ ବୁଝିପାରି କାନ୍ଦୁଥିଲା ଆଉ ଭାବୁଥିଲା ମୋ ସ୍ୱାମୀ ଶହୀଦ କେମିତି ହେଲେ ? ଲୋକେ ପଚାରିଲେ ବାବୁ ! ଏବେ କ'ଣ ହେବ ? ନେତା କହିଲେ ତା' ପାଇଁ ସ୍ମୃତି-ସ୍ତମ୍ଭ ତିଆରି ହେବ। ମୁଁ ନିଜେ ମୋ ନିଜ ହାତରେ ସତିଆଭଳି ମହାନ୍ ବିପ୍ଳବୀ ପାଇଁ ବିରାଟ ସ୍ମୃତିସ୍ତମ୍ଭ ଗଢ଼ିବି। ସାବୀ ହାତରେ ତାକୁ ଉଦ୍‌ଘାଟନ କରେଇବି। ଆଜିଭଳି ପବିତ୍ର ସାବିତ୍ରୀ ଓଷାଦିନ ଆମ ସମସ୍ତଙ୍କ ପାଇଁ ସେ ଚିର ସ୍ମରଣୀୟ ହୋଇ ରହିବ। ତାକୁ ଶହୀଦ ପତ୍ନୀର ମାନ୍ୟତା ଦିଆଯିବ। ତାକୁ ଆରବର୍ଷ ଏଇଦିନେ ସମ୍ମାନିତ କରାଯିବ। ଆରେ ! ତମେସବୁ ଅନେଇଛ କ'ଣ? ଯାଅ ! କିଛି ଇଟା, ବାଲି, ସିମେଣ୍ଟ ଯୋଗାଡ଼କରି ଗାଁ ମୁଣ୍ଡ ପଡ଼ିଆ ପାଖରେ ବରଗଛ ତଳେ ଜମାକର !'

ନେତାଙ୍କ କଥାରେ ଚାରି -ଛଟା ଟୋକା ଧାଇଁଯାଇ, ନାକୁଆ ତା' ଘରତିଆରି ପାଇଁ ଦାଣ୍ଡ ଆଗରେ ଗଦାମାରିଥିବା ଇଟାରୁ କୋଡିଏ ସରିକି, ତା' ବାରଣ୍ଡାରେ ଥିବା ସିମେଣ୍ଟରୁ ବସ୍ତାଏ, ବାଲିରୁ ଦି'ଅଖା ବୋହିଆଣିଲେ। ନେତାବାବୁ ଅକୁଣ୍ଠିତ ଶ୍ରମ ଦାନକରି ସେଇ ଇଟାକୁ ଖଞ୍ଜି ଗୋଟାଏ ଦୁଇ ଫୁଟିଆ ଉଚ୍ଚାର ବିରାଟ ସ୍ମୃତି ଖୁଣ୍ଟ ଗଢ଼ିଦେଇ ନିଜ ନେଡ଼ିରେ ବାଲି ସିମେଣ୍ଟ ପଲସ୍ତରା କରି ଆଦେଶ ଦେଲେ ଯାଅ, କୋଉଠୁ ଚୂନ ଯୋଗାଡ଼ କର। ଟୋକାଏ ଭାରି ବୋଲକରା। ଗାଁ ଏମୁଣ୍ଡରେ ଖନାର ଖିଲିପାନ ଦୋକାନରୁ ପାନରେ ଲାଗୁଥିବା ଚୂନବେଲାକୁ ଉଠେଇ ଆଣିଲେ, ବାବୁ ତାକୁ ପାଣିରେ ଗୋଳେଇ ସେଇ ଖୁଣ୍ଟିରେ ଡବଲ କୋଟିଙ୍ଗ କରି ତା ଉପରେ ଲେଖିଲେ 'ସ୍ମୃତି ସ୍ତମ୍ଭ'। 'ମହାନ୍ ବିପ୍ଳବୀ ସତିଆ ଭାଇ ଅମର ରହେ।' ନାଲି ଫିତା ତିନି ଗଜ ଓ ଟଗର-ମନ୍ଦାର ଦେଢ଼ଫୁଟିଆ ଫୁଲମାଳ ସାବୀକୁ ଧରେଇଦେଲେ। ଗାଁର ଟୋକା ଠୁ ବୁଢ଼ାଏ ଶହେ ସରିକି ରୁଣ୍ଡହୋଇ କେମିତି ଉଦ୍‌ଘାଟନ ହେବ -ଅବୁଝା ଆଖିରେ ଅନେଇଁଥାନ୍ତି। ନେତା ସାବୀ ହାତରୁ ନାଲି ଫିତା ନେଇ ସେଇ ଖୁଣ୍ଟରେ ଗୁଡ଼େଇ ତାକୁ କତୁରିଟେ ଧରେଇ କହିଲେ, ସାବୀ ଲୋ ! ତୋ ଶୁଭବେଳ ଆସିଲା। ଏଥର ଏଇ ଫିତା କଇଁଚିରେ କାଟିପକା। ଏପଟେ ନେତା, ଜନତାଙ୍କୁ କହିଲେ ଜୋରରେ ସମସ୍ତେ ତାଳି ମାରି କୁହ, 'ମହାନ୍ ବିପ୍ଳବୀ ସତିଆ ଭାଇ -ଅମର ରହେ'। ସମସ୍ତେ ତାଳିମାରି ପାଳି ଧରିଲେ। ଏଥର ବାବୁ ସାବୀକୁ କହିଲେ -ଅନେଇଛୁ କ'ଣ? ସେ ମାଳ ମୋ ଗଳାରେ ଗଳେଇ ଦେ। ମୁଁ ପରା ଭାଷଣ ଦେବି ! ନେତା କହିଲେ -ବନ୍ଧୁଗଣ ! ସାବୀ ପ୍ରକୃତରେ ସତୀ -ସାବିତ୍ରୀ। ସେ ତା' ସ୍ୱାମୀକୁ ଯୁଗ ଯୁଗକୁ ଅମର କରିଦେଲା। ତା' ପାଇଁ ତା' ବାପ ଭାଇ ଦାଦି ଖୁଡ଼ୀ ଓଗେର ଗର୍ବିତ। ମୁଁ ବି ଗର୍ବିତ। ଆଉ ଆପଣମାନେ ବି ଗର୍ବ କରନ୍ତୁ। ତୁ ବୋଧେ ଜାଣିନୁ ସାବୀ ! ତତେ ସରକାରଙ୍କ ତରଫରୁ କମ୍ ସେ କମ୍ ଦି' ଲାକ୍ଷେ ଟଙ୍କା ମିଳିବ। ଶହୀଦ ପତ୍ନୀ ହିସାବରେ ଜାଗା ଜମି କୋଠାଘର... ସବୁ ଦେବେ ସର୍କାର। ପ୍ରତିବର୍ଷ ଏଇଜାଗାରେ ବିରାଟ ସାଧାରଣ ସଭାର ଆୟୋଜନ ହୋଇ ସ୍ମୃତିଚାରଣ କରାଯିବ। ବଡ଼ ବଡ଼ ବହୁ ନେତା-ମନ୍ତ୍ରୀ ଆସି ସାବୀ କି ସମ୍ମାନିତ କରିବେ.. ଇତ୍ୟାଦି।

ତହିଁ ଆରବର୍ଷ ଠିକ ସାବିତ୍ରୀ ଓଷା ଦିନ, ସ୍ମୃତିଚାରଣ ସଭାର ଆୟୋଜନ କରାଗଲା। ନେତାଙ୍କ ନିର୍ଦ୍ଦେଶରେ କେଇଜଣ ଟୋକା ସକାଳୁ ମୁଣ୍ଡି ଖଡ଼ିକା ଝାଡୁରେ ସେଇ ବିରାଟ ଦି'ଫୁଟିଆ ସ୍ମୃତିଖୁଣ୍ଟରେ ଲାଗିଥିବା ଶିଉଳି ଛଡ଼େଇଲେ। ତା' ଉପରେ ଚାରି ଆଡ଼ରୁ ମାଡ଼ିବସିଥିବା ଅନାବନା ଲଟା ଘାସ ସଫା କରି ଲେଖାଗଲା 'ରାଜ୍ୟସ୍ତରୀୟ ସତିଆର ପ୍ରଥମବାର୍ଷିକୀ ସ୍ମୃତିସଭା'! ଦି'ଟା ବାଉଁଶ ବନ୍ଧାଗଲା। ସାବୀକୁ ସମ୍ମାନିତ କରାଯିବାକୁ ମାନପତ୍ର ଆସିଥିଲା। ନେତା ଆଦେଶଦେଲେ ସାବୀ କି ଖୋଜ। ସନ୍ଧ୍ୟା ଆଗରୁ ଏଇଠି ପହଞ୍ଚିବା ଦରକାର। ବହୁ ଖୋଜାଖୋଜି ପରେ ତାକୁ ଗୋଟେ ଦେଉଳ ଦୁଆରେ ଅର୍ଦ୍ଧ-ପାଗଳୀ ଅବସ୍ଥାରେ ଭିକ୍ଷାଥାଳି ହସ୍ତରେ ଆବିଷ୍କାର କରାଗଲା -ଛିଣ୍ଡା ମଇଳା ବସ୍ତ୍ର ପରିଧାନ ବେଶରେ। ତାକୁ ଯିଏ ଯେତେ ଡାକିଲେ ବି ଆସିଲା ନାହିଁ।


-ମଙ୍ଗରାଜପୁର, ପୁରୀ
ମୋ:୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ମ୍ୟାପିଂ ଦି ପାଷ୍ଟ

**ଲେଖକ-ଲଲାଟେନ୍ଦୁ ଦାସ ମହାପାତ୍ର**
**ଶିବାଲିକ୍ ପ୍ରକାଶନ, ଦିଲ୍ଲୀ, ମୂଲ୍ୟ- ୧୨୯୫ଟଙ୍କା**


ମ୍ୟାପିଂ ଦି ପାଷ୍ଟରେ ୧୦ଟି ଗବେଷଣାତ୍ମକ ପ୍ରବନ୍ଧ ରହିଛି। ଲେଖକ ଲଲାଟେନ୍ଦୁ ଦାସମହାପାତ୍ରଙ୍କ ଏହି ପୁସ୍ତକରେ ଓଡ଼ିଶା ଇତିହାସର କେତେକ ଦିଗ ଉପରେ ଆଲୋକପାତ କରାଯାଇଛି। ପୁସ୍ତକରେ ଥିବା ୧୦ଟି ପ୍ରବନ୍ଧରୁ ଗୋଟିଏକୁ ଛାଡ଼ିଦେଲେ ଅନ୍ୟଗୁଡ଼ିକର ବିଷୟବସ୍ତୁ ଯେ ସମ୍ପୂର୍ଣ୍ଣ ନୂଆ ତାହା ନୁହେଁ। କିନ୍ତୁ ସେହି ବିଷୟବସ୍ତୁ ଉପରେ ନୂତନ ତଥ୍ୟର ସହାୟତାରେ ଲେଖକ ପୁନଃ ସମୀକ୍ଷା କରି ଭିନ୍ନମତ ରଖିଛନ୍ତି। ପ୍ରଥମ ପ୍ରବନ୍ଧରେ ସୁଲତାନ ଫିରୋଜ ଶାହା ତୋଗଲକ୍‌ଙ୍କ ପୁରୀ ଜଗନ୍ନାଥ ମନ୍ଦିର ଆକ୍ରମଣ, ଦ୍ୱିତୀୟ ଓ ତୃତୀୟ ପ୍ରବନ୍ଧରେ ମୋଗଲ ଓ ମରହଟ୍ଟା ସମୟରେ ଓଡ଼ିଶାର ବୟନ ଶିଳ୍ପ ଓ ନୌବାଣିଜ୍ୟର ସମ୍ୟକ ଦୃଷ୍ଟିପାତ କରାଯାଇଛି। ଅନ୍ୟଏକ ପ୍ରବନ୍ଧରେ କଉଡ଼ିର ବିମୁଦ୍ରୀକରଣ ସମ୍ବନ୍ଧରେ ସେ କହିଛନ୍ତି। ସେହିପରି ଦ୍ୱିତୀୟ ଭାଗ ପ୍ରବନ୍ଧଗୁଡ଼ିକରେ ଓଡ଼ିଆ ଅସ୍ମିତା ଓ ସ୍ୱାଧୀନତା ସଂଗ୍ରାମ ବିଷୟବସ୍ତୁ ରହିଛି। ଧରଣୀଧର ନାୟକଙ୍କ ନେତୃତ୍ୱରେ ୧୮୯୧ରେ ହୋଇଥିବା କେଉଁଝର ପ୍ରଜା ବିଦ୍ରୋହ ସମୟରେ ଫକୀରମୋହନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ୧୮୯୨-୯୩ରେ ନନ୍ଦକିଶୋର ଦାସ ଯେତେବେଳେ ସରକାରୀ ଏଜେଣ୍ଟ ଭାବେ କେଉଁଝରରେ ଅବସ୍ଥାନ କରୁଥିଲେ ସେ ସମୟରେ ବିଦୋହ ଉଗ୍ରରୂପ ନେଇଥିଲା। ଶେଷ ପ୍ରବନ୍ଧରେ ସେ ରଜନୀକାନ୍ତ ଦାସଙ୍କୁ କଳାହାଣ୍ଡି ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟ ନାୟକ ଭାବରେ ଦର୍ଶାଇ କଳାହାଣ୍ଡି ରାଜ୍ୟ ଓଡ଼ିଶା ସହିତ ସମ୍ମିଶ୍ରଣରେ ତାଙ୍କର ଭୂମିକା ଉପରେ ଆଲୋକପାତ କରିଛନ୍ତି। ଦାସ ମହାପାତ୍ରଙ୍କ ଉକ୍ତ ପୁସ୍ତକରୁ ତାଙ୍କ ମୌଳିକ ଗବେଷଣାର ପରିଚୟ ମିଳିଥାଏ। ଏହା ନିଶ୍ଚୟ ଗବେଷକ ଓ ପାଠକଙ୍କୁ ଆକୃଷ୍ଟ କରିବ।




### ଅଳ୍ପ ଗଳ୍ପ

**ଯଶୋବନ୍ତ ସାମଲ, ପ୍ରକାଶକ- ବିଦ୍ୟାପୁରୀ**
**ବାଲୁବଜାର, କଟକ-୨, ମୂଲ୍ୟ- ୧୨୦ଟଙ୍କା**

ଅଳ୍ପ ଗଳ୍ପ ଯାଶୋବନ୍ତ ସାମଲଙ୍କ ପୁସ୍ତକ। ଏଥିରେ ୪୩ଟି ଛୋଟ ଗପ ପ୍ରକାଶିତ ହୋଇଛି। ପ୍ରଥମ ଗପ ହେଉଛି ମାଙ୍କଡ କଲିଜା। ଲେଖକ କହୁଛନ୍ତି, ଆମର ଅସଲ ହୃଦୟଟି କାହାରି ପାଖରେ ନ ଥାଏ। ସମୟ ନଇ ପାରି ହେଉ ହେଉ ସେ ଚିଜଟି କେତେବେଳେ ଆମଠୁ କିଏ ନେଇ ଯାଏ ଆମେ ଜାଣି ପାରୁନା। ସେହିପରି ସର୍ତ୍ତ ଗପ ମଧ ଚମତ୍କାର ଭାବେ ଲେଖକ ଉପସ୍ଥାପନ କରିଛନ୍ତି, କେମିତି ଘର ଭଡା ଖୋଜିବାକୁ ଶ୍ରୀଧର ବାବୁଙ୍କ ସ୍ତ୍ରୀ ଶୁଭଶ୍ରୀ ଚାପ ପାଉଛନ୍ତି ସେ ବିଷୟରେ ଗପଟି ଲେଖା ହୋଇଛି। ଗପଗୁଡିକରେ ବୌଦ୍ଧିକ ଛଳନା କି କୁଟିଳତା ନାହିଁ। ରହିଛି ହୃଦୟ ରସର ପ୍ରାଣବନ୍ତ ପ୍ରବାହ। ଲେଖକ ସବୁବେଳେ ମଣିଷର ଦୁଃଖ ଓ ଅସହାୟର ଚିତ୍ରକୁ ପାଠକଙ୍କ ସାମ୍ନାକୁ ଆଣିଥାନ୍ତି। ପୁସ୍ତକର ଯେ କୌଣସି ଗପ ପଢନ୍ତୁ ଭୟ ହେଉ କିମ୍ବା ରଂ ନମ୍ବର ହେଉ ତାହା ନିଶ୍ଚୟ ଯଶୋବନ୍ତ ଅନୁରାଗୀ ପାଠକଙ୍କୁ ବାନ୍ଧି ରଖିବ ଏଥିରେ ସନ୍ଦେହ ନାହିଁ।



# ରାଜସ୍ଥାନୀ ଯୁବକଙ୍କ ରୋବୋ କନିଆ

ଏଇ ନିକଟରେ ରିଲିଜ୍ ହୋଇଥିଲା ବଲିଉଡ଼ ମୁଭି 'ତେରୀ ବାତୋଁ ମେଁ ଐସା ଉଲଝା ଜିୟା' ଚଳଚ୍ଚିତ୍ର। ଯେଉଁଥିରେ ଶାହିଦ କପୁରଙ୍କ କନିଆ ସାଜିଥିଲେ ରୋବୋ କ୍ରୀତି ସାନନ୍। ସେହିଭଳି 'ବହୁ ହମାରୀ ରଜନୀକାନ୍ତ' ନାମକ ଏହି ହିନ୍ଦୀ ଭାଷାର ଧାରାବାହିକରେ ବି ଜଣେ ବ୍ୟକ୍ତି ଏକ ରୋବୋ ଝିଅକୁ ବିବାହ କରି ଘରକୁ ବୋହୂକରି ଆଣିଥିଲେ। ଭାବୁଥିବେ ଫିଲ୍ମ ଓ ସିରିୟଲରେ ହିଁ କେବଳ ଏଭଳି ଘଟଣା ଘଟିପାରେ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏବେ ବାସ୍ତବ ଦୁନିଆରେ ବି ଏମିତି ଘଟିବାକୁ ଯାଉଛି। ଅର୍ଥାତ୍ ରାଜସ୍ଥାନ, ସିକର୍‌ର ଜଣେ ଯୁବକ ଗିଗା ନାମକ ଏକ ରୋବୋ ଯୁବତୀ ପ୍ରେମରେ ପଡ଼ିଛନ୍ତି। ଆଉ ଖୁବ୍‌ଶୀଘ୍ର ଏହି ରୋବୋ ଯୁବତୀକୁ ବିବାହ ମଧ୍ୟ କରିବାକୁ ଯାଉଛନ୍ତି। ସୂର୍ଯ୍ୟପ୍ରକାଶ ନାମକ ଏହି ଯୁବକ ଜଣକ ପେସାରେ ଆଇଟି ଇଞ୍ଜିନିୟର। ଗତ ମାର୍ଚ୍ଚ ୨୨ ତାରିଖରେ ସେମାନଙ୍କର ଏନ୍‌ଗେଜମେଣ୍ଟ ବି ହୋଇ ଯାଇଛି। ସୂର୍ଯ୍ୟପ୍ରକାଶ କୁହନ୍ତି, ପିଲାଦିନୁ ମୋର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ହ୍ୟୁମାନୋଏଡ୍ ରୋବୋ ପ୍ରତି ଦୁର୍ବଳତା ଥିଲା। ବଡ଼ ହୋଇ ବିଟେକ୍ କରିବା ପରେ ରୋବୋଟିକ୍ସ ଉପରେ ପଢ଼ିଲି। ୪୦୦ରୁ ଊର୍ଦ୍ଧ୍ୱ ରୋବୋଟିକ୍ସ ପ୍ରୋଜେକ୍ଟରେ କାମ କଲି। ଏହାପରେ ମୁଁ ସଫ୍ଟୱେର ଇଞ୍ଜିନିୟର ହେଲି। ଏମିତିରେ ଧୀରେ ଧୀରେ ରୋବୋ ପ୍ରତି ମୋର ଅଧିକରୁ ଅଧିକ ଦୁର୍ବଳତା ବଢ଼ିବାକୁ ଲାଗିଲା। ଆଉ ମୁଁ ଯେତେବେଳେ ମୋ ପରିବାର ଲୋକଙ୍କୁ କହିଲି ଯେ ମୁଁ ଏକ ରୋବୋକୁ ବାହା ହେବାକୁ ଚାହୁଁଛି ସେମାନେ ଚକିତ ହୋଇଯାଇଥିଲେ। ପରେ ସେମାନଙ୍କୁ ବୁଝାଇବାରେ ମୁଁ ସଫଳ ହେଲି। ଗିଗା ବହୁତ ସ୍ମାର୍ଟ। ଅଢେଇ ଘଣ୍ଟା ଚାର୍ଜ କଲେ ସେ ୮ ଘଣ୍ଟା ଲଗାତର କାମ କରିପାରେ। ଘରର ସବୁ କାମ କରିପାରେ। ଅତିଥିଙ୍କୁ ସ୍ୱାଗତ କରିପାରେ। ସେମାନଙ୍କୁ ବସିବାକୁ କହି ପାଣି ଆଣି ଦେଇପାରେ। ସେମାନେ ଯିବା ସମୟରେ ବାଏ ବାଏ କହେ। ଆଗକୁ ଗିଗା ଯେମିତି ଅଧିକ କାମ କରିପାରିବ ସେହିଭଳି ସଫ୍ଟୱେର ଡେଭଲପ୍ କରାଯିବାର ଯୋଜନା ରହିଛି। ତେଣୁ ସୂର୍ଯ୍ୟ ପ୍ରକାଶ ଗିଗାକୁ ହିଁ ବିବାହ କରିବାକୁ ନିଷ୍ପତ୍ତି ନେଇଛନ୍ତି।



ବ୍ୟାକ୍ ପେଜ୍

# ଗାଲାକ୍ସି ଏକ୍ଲେର୍ସ



ଏକ୍ଲେର୍ସ ଯାହାକି ଏକପ୍ରକାରର ପ୍ୟାଷ୍ଟ୍ରି ତାକୁ ଅନେକେ ପସନ୍ଦ କରନ୍ତି। ଖାସ୍‌କରି ପିଲାଙ୍କର ଏହା ବେଶି ପସନ୍ଦ। ଏକଲେର୍ସ ବି ବିଭିନ୍ନ ପ୍ରକାରର ଆସେ। ତେବେ ଜାଣନ୍ତି କି ଗାଲାକ୍ସି ବା ଆକାଶ ଗଙ୍ଗା ପରି ଦେଖିବାକୁ ଏକଲେର୍ସ ବି ଅଛି। ୟୁକ୍ରେନ୍‌ର ପେଷ୍ଟ୍ରି ଶପ୍ 'ମ୍ୟୁଜ୍ କନଫେକ୍ସନାରୀ' ନିଜ ଏକଲେର୍ସଗୁଡ଼ିକରେ ଆକାଶ ଗଙ୍ଗା ବା ଗାଲାକ୍ସିର ଦୃଶ୍ୟକୁ ସତସତିକା ପରି କରିବାରେ ସଫଳ ହୋଇଛନ୍ତି। ଅର୍ଥାତ୍ ଏହାର ଇକ୍‌ଲେର୍ସକୁ ଏଭଳି ସଜାଯାଇଛି ଯେ, ଦେଖିଲେ ମହାକାଶର ବାସ୍ତବ ଗାଲାକ୍ସି ଭଳି ଲାଗେ। ତେଣୁ ଏହି ଏକଲେର୍ସ, ଗାଲାକ୍ସି ଏକ୍ଲେର୍ସ ଭାବେ ପରିଚିତ। ଏହି ସୁଇଟ୍ ଡିସ୍‌କୁ ହାତରେ ଧରିଲେ ଲାଗେ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡ ହାତ ଭିତରେ ରହିଯାଇଛି। ଉକ୍ତ ଏକଲେର୍ସ ଏତେ ବାସ୍ତବ ଲାଗେ ଯେ, ବିଶ୍ୱାସ କରି ହୁଏନା ଏହା କେବଳ ଚିନି ଓ ଫୁଡ୍ କଲର୍‌ରେ ତିଆରି ବୋଲି। ଏହା ୫ଟି ଫ୍ଲେଭର୍ କ୍ଲାସିକ୍ ଭାନିଲା, ପିସ୍ତାଚିଓ, ରାସ୍ପବେରୀ, ସଲ୍ଟେଡ୍ କାରାମେଲ୍ ଓ ଚକୋଲେଟ୍‌ରେ ଉପଲବ୍ଧ ହୁଏ।



# ୬୯ ସନ୍ତାନର ଜନନୀ



ଆଜିକାଲି ଗୋଟିଏ ସନ୍ତାନକୁ ସମ୍ଭାଳିବା ବାପାମା'ଙ୍କୁ କଷ୍ଟକର ମନେହେଉଛି। ଜାଣି ଆଶ୍ଚର୍ଯ୍ୟ ହେବେ ଜଣେ ମହିଳା ଦୁଇ ତିନୋଟି ନୁହେଁ ବରଂ ୬୯ ସନ୍ତାନକୁ ଜନ୍ମ ଦେଇଥିଲେ। ଯେଉଁଥିରେ ୧୬ ଥର ଯାଆଁଳା ସନ୍ତାନ ଜନ୍ମ ହେଇଥିବାବେଳେ ସାତଥର ତିନିଟି ସନ୍ତାନ ଏକାଥରେ ଜନ୍ମ ହୋଇଥିଲେ। କେବଳ ସେତିକି ନୁହେଁ ୪ ଥର ଚାରୋଟି ସନ୍ତାନ ସେ ଏକାଥରେ ଜନ୍ମ ଦେଇଥିଲେ। ଭାବୁଛନ୍ତି କି ଏହା କୌଣସି କାହାଣୀ ବୋଲି। ନା, ପ୍ରକୃତରେ ଜଣେ ମହିଳା ୬୯ଟିସନ୍ତାନ ଜନ୍ମ ଦେଇଥିଲେ। ସେ ନିଜ ଜୀବନରେ ୨୭ଥର ଗର୍ଭବତୀ ହୋଇଥିଲେ। ଏହି ମହିଳା ଜଣକ ରୁଷିଆର ଶୁଆ ଅଞ୍ଚଳରେ ରହୁଥିଲେ। ବିବିସି ରିପୋର୍ଟ ମୁତାବକ ଏହି ମହିଳାଜଣକ ରୁଷିଆର ଏକ ମଠ ସହ ଜଡ଼ିତ ଥିଲେ। ମଠ ତରଫରୁ ରୁଷିଆ ସରକାରଙ୍କୁ ଦିଆଯାଇଥିବା କାଗଜପତ୍ରରୁ ଜଣାପଡ଼େ ଯେ, ଏହି ମହିଳାଙ୍କର ସ୍ୱାମୀଙ୍କ ନାମ ଫିଓଡୋର ବାସିଲିଭ ଥିଲା। ମେଡିକାଲ ସାଇନ୍ସ ଅନୁଯାୟୀ କୌଣସି ମହିଳା ୧୬ରୁ ଅଧିକ ସନ୍ତାନ ଜନ୍ମ ଦେବା ଅସମ୍ଭବ। ହେଲେ ଏହି ମହିଳା ଯେ କିଭଳି ଏତେ ସନ୍ତାନକୁ ଜନ୍ମ ଦେଲେ ତାହା ବେଶ୍ ଆଶ୍ଚର୍ଯ୍ୟକର ଲାଗେ। ଏହି ମଠର ଦସ୍ତାବିଜ ଅନୁସାରେ ୧୭୨୫-୧୭୬୫ ମସିହା ଭିତରେ ଉକ୍ତ ମହିଳା ୨୭ ଥର ଗର୍ଭବତୀ ହୋଇଥିଲେ। ଅନେକ ଥର ଯାଆଁଳା, ଏକାଥରେ ତିନୋଟି ଛୁଆ ଓ ଏକାଥରେ ଚାରୋଟି ସନ୍ତାନ ଜନ୍ମ କରି ସେ ୬୯ ସନ୍ତାନ ଜନ୍ମ ଦେଇଥିଲେ। ଆଉ ଏକ କୌତୂହଳର କଥା ହେଉଛି ମହିଳାଙ୍କ ସ୍ୱାମୀ ଫିଓଡୋରଙ୍କର ଆଉ ଜଣେ ମଧ୍ୟ ସ୍ତ୍ରୀ ଥିଲେ। ସେ ୮ ଥର ଗର୍ଭବତୀ ହୋଇ ୧୮ଟି ସନ୍ତାନ ଜନ୍ମ କରିଥିଲେ। ଏମିତିରେ ଦେଖିବାକୁ ଗଲେ ଫିଓଡୋରଙ୍କର ୮୭ ସନ୍ତାନ। ଯେଉଁଥିରୁ ୮୪ ସନ୍ତାନ ଜୀବିତ ରହିଥିଲେ। ଅନେକେ କୁହନ୍ତି ୬୯ଟି ସନ୍ତାନ ଜନ୍ମ ଦେଇଥିବା ସେହି ମହିଳାଙ୍କ ନାମ ଭାଲେଣ୍ଟିନା ବାସିଲିଭ ଥିଲା ଓ ସେ ୭୬ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥିଲେ।